## ଓଡ଼ିଆର ସ୍ୱାଭିମାନ ବଜାୟ ରଖିବାକୁ ଆହ୍ୱାନ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)- ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର ପକ୍ଷରୁ ପଞ୍ଚମ ‘ପ୍ରବାସୀ ଓଡ଼ିଆ ଉତ୍ସବ-୨୦୨୦’ ଫରିଦାବାଦଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଡ଼ଖଲ ବିଧାୟିକା ସୀମା ତ୍ରିଖା, ସମ୍ମାନିତ ଅତିଥି ଭାବେ ଫରିଦାବାଦ ବିଧାୟକ ନରେନ୍ଦ୍ର ଗୁପ୍ତା ଓ ପୂର୍ବ ବିଧାୟକ ନଗେନ୍ଦ୍ର ଭଡ଼ାନା ଯୋଗଦେଇ ହରିୟାଣା ପ୍ରଦେଶ ପାଇଁ ଓଡ଼ିଆଙ୍କ ବିଶେଷ ଭୂମିକା ରହିଥିବା ଆଲୋକପାତ କରିଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଓଡ଼ିଆ ଖାଦ୍ୟ ଓ ଓଡ଼ିଶୀ ନୃତ୍ୟକୁ ସମସ୍ତେ ଉପଭୋଗ କରିଥିଲେ। ପରିବାର ସଭାପତି ମୀନକେତନ ସାମଲ ଓଡ଼ିଆର ସ୍ୱାଭିମାନକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ନିତ୍ୟାନନ୍ଦ ରାଉତ ଧନ୍ୟବାଦ ଦେଇଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିପାରୁନି ଓଡ଼ିଶା

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

**ଓଡ଼ିଶା ଡେଭଲପ୍‌ମେଣ୍ଟ ରିପୋର୍ଟ-୨୦୨୦**
- ସ୍ୱାସ୍ଥ୍ୟ ମାନଦଣ୍ଡରେ ୧୯ତମ ସ୍ଥାନରେ ଓଡ଼ିଶା
- ବିକାଶ ମାନଦଣ୍ଡରେ ୨୫ ଜିଲାର ପ୍ରଦର୍ଶନ ଅଧାବାଟରେ
- ଆଦିବାସୀ ଜିଲାରେ ମହିଳା ଓ ଶିଶୁ ରକ୍ତହୀନତା ଚିନ୍ତାଜନକ
- ଗରିବ ହେଉଛନ୍ତି କୃଷକ, ୩ କୋଟି ଟପିବେ ବେକାରୀ

ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଓଡ଼ିଶା ୨୮ ରାଜ୍ୟ ମଧ୍ୟରେ ୧୬ତମ ସ୍ଥାନରେ ରହିଛି। ଅପପୁଷ୍ଟି କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ସାମାନ୍ୟ ତଳେ ରହିଥିଲେ ମଧ୍ୟ ରାଜ୍ୟର ଆଦିବାସୀ ଅଞ୍ଚଳର ସ୍ଥିତି ଚିନ୍ତାଜନକ ରହିଛି। ମାଲକାନଗିରି ଜିଲାରେ ୫୧.୮ ପ୍ରତିଶତ ପିଲା କମ୍ ଓଜନର ହୋଇଥିବାବେଳେ ୪୫.୯ ପ୍ରତିଶତ ମହିଳାଙ୍କ ବଡି ମାସ୍ ଇଣ୍ଡେକ୍ସ(ବିଏମ୍‌ଆଇ) ରାଜ୍ୟ ହାରଠାରୁ ଅପେକ୍ଷାକୃତ କମ୍ ରହିଛି। ସେହିପରି ସୁନ୍ଦରଗଡ଼, ସୁବର୍ଣ୍ଣପୁର, ମାଲାକନଗିରି, ନବରଙ୍ଗପୁର, କୋରାପୁଟ, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ଗଜପତି, ନୂଆପଡ଼ା ଆଦି ଜିଲାରେ ୫ ବର୍ଷରୁ କମ୍ ବୟସର ଶିଶୁ ଓ ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ଅଧିକ ଦେଖିବାକୁ ମିଳିଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ଭିତ୍ତିଭୂମି ସହ କୁଶଳୀ ସ୍ୱାସ୍ଥ୍ୟକର୍ମୀ ଅଭାବ, ଜିଲା ବା ଉପଖଣ୍ଡ ସ୍ତରରେ ବିଶେଷଜ୍ଞ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଇଛି। ଓଡ଼ିଶା ବିକାଶ କନ୍‌କ୍ଲେଭ୍ ତୃତୀୟ ସଂସ୍କରଣର ଉଦ୍‌ଘାଟନ ଅବସରରେ ଉନ୍ମୋଚିତ ଓଡ଼ିଶା ଡେଭେଲପ୍‌ମେଣ୍ଟ ରିପୋର୍ଟ-୨୦୨୦ରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ଉକ୍ତ ରିପୋର୍ଟ ଅନୁସାରେ, ସ୍ୱାସ୍ଥ୍ୟ ମାନଦଣ୍ଡରେ ଓଡ଼ିଶା ୧୯ତମ ସ୍ଥାନରେ ରହିଛି। ୩୨% ପରିବାରର ବ୍ୟବହାର ଯୋଗ୍ୟ ପାଇଖାନ ନାହିଁ। ମାତ୍ର ୪୫.୪% ଗ୍ରାମ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ପରିଚୟ ପାଇଛି। ବେରୋଜଗାର ଏକ ପ୍ରମୁଖ ସମସ୍ୟାଭାବେ ଉଭାହୋଇଛି। ୨୦୨୧ ବେଳକୁ ଏହା ପ୍ରାୟ ୩ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ସ୍ଥାନୀୟ ଅର୍ଥନୀତି ସୁଦୃଢୀକରଣ ପାଇଁ ଗ୍ରାମୀଣ ଜୀବିକା ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଛି ଏହି ରିପୋର୍ଟ। ସେହିଭଳି ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ସାମଗ୍ରିକ ଶିକ୍ଷା ବିକାଶ ପାଇଁ ଅଧିକ ଯତ୍ନବାନ ହେବାକୁ ଉକ୍ତ ରିପୋର୍ଟରେ ମୁଖ୍ୟ ସମ୍ପାଦକ ପ୍ରଫେସର ଅମିତାଭ କୁଣ୍ଡୁ କହିଛନ୍ତି।

ଆର୍ଥିକ ଆବଣ୍ଟନ ନିମନ୍ତେ ଗଠିତ ବିତ୍ତୀୟ କମିଶନ ସଯୋଜନା କମିଶନଙ୍କ ସୁପାରିଶରେ ଓଡ଼ିଶା ବିଶେଷ ଲାଭବାନ ହୋଇପାରିନାହିଁ। କର୍ପୋରେଟ ପୁଞ୍ଜିନିବେଶ ମଧ୍ୟ ଆଶାଜନକ ନୁହେଁ। କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଝାରସୁଗୁଡ଼ାର ସ୍ଥିତି ଭଲ ଥିବାବେଳେ ୧୨ଟି ଜିଲାର ବିକାଶ ମାନଦଣ୍ଡରେ ପ୍ରଦର୍ଶନ ଅଧା ବାଟରେ ରହିଛି। ଆଦିବାସୀ ପ୍ରବଣ ଓ ଅପହଞ୍ଚ ଇଲାକା ଥିବା ୧୩ ଜିଲାର ସ୍ଥିତି ଖୁବ୍ ଚିନ୍ତାଶୀଳ। କୃଷକ ପରିବାର ଗରିବରୁ ଅତି ଗରିବ ହେଉଛନ୍ତି। ତେଣୁ କୃଷି ଭଳି ପ୍ରାଥମିକ ଜୀବିକାର ଉତ୍ପାଦନ ବୃଦ୍ଧି ସହ କୃଷି, ଉଦ୍ୟାନ କୃଷି ଭଳି ଉତ୍ପାଦଗୁଡ଼ିକର ବଜାରିକରଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ପଦ୍ମଶ୍ରୀ ପ୍ରଫେସର ରାଧାମୋହନ କହିଛନ୍ତି।

ଉନ୍ମୋଚନ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ଯୋଗଦେଇ ଆଦିବାସୀଙ୍କ ଜୀବିକା ବିକାଶ ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ତୃଣମୂଳ ସ୍ତରର ସମସ୍ୟା, ବିଭିନ୍ନ ବିକାଶ ନୀତି, ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ପ୍ରସ୍ତାବକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଏହି ରିପୋର୍ଟର ମୁଖ୍ୟ ଲକ୍ଷ୍ୟ ବୋଲି ଓଡିଶା ଡେଭଲପମେଣ୍ଟ ଇନିସିଏଟିଭିସ୍‌ର ଆବାହକ ତଥା ସିୱାଇଏସ୍‌ଡିର ମାର୍ଗଦର୍ଶକ ଜଗଦାନନ୍ଦ କହିଥିଲେ।

## ସଂକ୍ଷେପରେ

### ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ):** ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୯ ଗୋପବନ୍ଧୁ ସରକାରୀ ବିଦ୍ୟାଳୟ ପରିସର ଅଙ୍ଗନୱାଡ଼ି କେନ୍ଦ୍ରରେ ଜଣେ ଅଙ୍ଗନୱାଡ଼ି କର୍ମୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ମାତ୍ରାଧିକ ବଟିକା ଖାଇବା ସହ ଚୁନିରେ ଝୁଲି ପଡ଼ିଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ଏହି ଥାନାଞ୍ଚଳର ମା’ ଭଗବତୀ ବସ୍ତିରେ ରହୁଥିବା ଆରତି ମହାପାତ୍ର। ୮ ବର୍ଷ ଧରି ଅଙ୍ଗନୱାଡ଼ି କର୍ମୀ ଭାବେ କାର୍ଯ୍ୟ କରନ୍ତି। ସ୍ୱାମୀ ମିହିରସେନ ବାରିକଙ୍କ ଅଭିଯୋଗ ମୁତାବକ, ୩ ବର୍ଷ ହେବ କେତେଜଣ ଅସାମାଜିକ ବ୍ୟକ୍ତି ଦାଦାବଟି ପାଇଁ ଆରତିଙ୍କୁ ନାନା ନିର୍ଯାତନା ଦେଇ ଆସୁଥିଲେ। ମାସକୁ ୫ ହଜାର ଟଙ୍କା ଦାବି କରୁଥିବାବେଳେ ଅନେକ ଥର ବଳପୂର୍ବକ ଅଙ୍ଗନୱାଡ଼ି କେନ୍ଦ୍ରରୁ ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଉଠାଇନେଇଥିଲେ। ବୁଧବାର ଅପରାହ୍ନରେ ଅଙ୍ଗନୱାଡ଼ି କେନ୍ଦ୍ରରେ ମିଟିଂ ଚାଲିବା ସହ ଅଣ୍ଡା ଓ ଛତୁଆ ବଣ୍ଟା ଯାଉଥିଲା। ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିମାନେ ପହଞ୍ଚି ଟଙ୍କା ଦାବିକରିବା ସହ ବଳପୂର୍ବକ ଅଣ୍ଡା ନେବାକୁ ଉଦ୍ୟମ କରିଥିଲେ। ଏ ନେଇ ସେ ବାରଣ କରି ନିରାଶ ହେବା ପରେ ଆତ୍ମହତ୍ୟା ଉଦ୍ୟମ କରିଥିବା ସ୍ୱାମୀ କହିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୋଲିସକୁ ନିବେଦନ କରିଛନ୍ତି।

### ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖପୁରି, ହାଡ଼ ଜବତ

**ବାଲିପାଟଣା, ୨୩।୧୨(ଡି.ଏନ୍.ଏ.):** ବାଲିପାଟଣା ଥାନା ଅଧୀନ ବନମାଳୀପୁର ଗ୍ରାମର ନିଧିରାମ ଗିରି(୪୮)ଙ୍କୁ ତାଙ୍କ ସ୍ତ୍ରୀ ହେମଦତ୍ତା ପୁଅାରେ ହତ୍ୟା କରି ବାରିରେ ପୋତିଥିବା ନେଇ ମଙ୍ଗଳବାର ଗ୍ରାମବାସୀଙ୍କ ନିକଟରେ ସ୍ୱୀକାର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଥିଲା। ବୁଧବାର ବାଲିପାଟଣା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଭାସ ପାଣିଗ୍ରାହୀଙ୍କ ଉପସ୍ଥିତିରେ ମୃତ ବ୍ୟକ୍ତିଙ୍କ ଖପୁରି, ଗୋଡ଼ ଓ ହାତର ୫ଟି ହାଡ଼, ଅଣ୍ଟାର ଟେଲିଭିକ ହାଡ଼, ଗଳା ହାଡ଼, ପିଞ୍ଜରା ହାଡ଼, ଅଖା, ପ୍ଲାଷ୍ଟିକ ରଶି, ଲୁଙ୍ଗି ଏବଂ ଫିନାଇଲ ବୋତଲ ସାଇଣ୍ଟିଫିକ ଟିମ୍ ଜବତ କରିଥିଲେ। ଜବତ ହୋଇଥିବା ହାଡ଼, ଖପୁରି ଡିଏନ୍ଏ ଟେଷ୍ଟ ପାଇଁ ଫରେନ୍‌ସିକ ଲାବକୁ ପଠାଯାଇଛି। ଏନେଇ ନିଧିରାମଙ୍କ ଜ୍ୱାଇଁ ପ୍ରତାପ କୁମାର ଦେବତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୬୦/୨୦)ରୁଜୁ କରିଛି। ଏହି ଘଟଣାରେ ପୋଲିସ ନିଧିରାମଙ୍କ ସ୍ତ୍ରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଥାଉ କି, ଗତ ୩ ମାସ ପୂର୍ବେ ନିଧିରାମ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣ ନେଇ ପାଟିତୁଣ୍ଡ ହୋଇଥିଲା। ଉକ୍ତ ଦିନଠାରୁ ନିଧିରାମ ନିଖୋଜ ଥିଲେ। ସ୍ୱାମୀଙ୍କୁ ମାରି ବାରିରେ ପୋତି ଦେଇଛନ୍ତି ବୋଲି ମଙ୍ଗଳବାର ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

### ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠଙ୍କ ପରଲୋକ

**କୋଣାର୍କ, ୨୩।୧୨(ଡି.ଏନ୍.ଏ.):** କୋଣାର୍କ ଥାନା ଅଧୀନସ୍ଥ ମହଲପଡ଼ା ପଞ୍ଚାୟତ ଅନ୍ତର୍ଗତ ଆମ୍ବିଲିଗାଁ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ପଣ୍ଡାଙ୍କ ୮୭ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତଦେହକୁ ଗ୍ରାମ ପରିକ୍ରମା କରି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ତ୍ରିଲୋଚନ ପଣ୍ଡା ମୁଖାଗ୍ନି ଦେଇଥିଲେ।

### ‘ଓଡ଼ିଶୀନାଚ ପାଇଁ କାଳୀଚରଣଙ୍କ ଅବଦାନ ଅତୁଳନୀୟ’

**ବାଙ୍କୀ/କଟକ, ୨୩।୧୨(ସ୍ୱ.ପ୍ର.)**

ବାଙ୍କୀ ପ୍ରେସ୍ କ୍ଲବ ପରିସରରେ ବୁଧବାର ବାଙ୍କୀର ବରପୁତ୍ର କବିଚରଣ କାଳୀଚରଣ ପଟ୍ଟନାୟକଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ମାସିକ ସାହିତ୍ୟ ଆସର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମବାୟ ବିଭାଗ ମହାସମୀକ୍ଷକ ସୁନିତା ଶତପଥୀ ଯୋଗଦେଇ କାଳିଚରଣଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ ଓଡ଼ିଶାର ବରିଷ୍ଠ ଗୀତିକାର ସଚ୍ଚି ମହାନ୍ତି, ରାଜ୍ୟ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭରତ ଚନ୍ଦ୍ର ବେହେରା, ବିଶିଷ୍ଟ ଚିତ୍ର ଶିଳ୍ପୀ ମହେନ୍ଦ୍ର ମହାପାତ୍ର ଓ ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଶୀ ନାଚକୁ ରାଷ୍ଟ୍ରୀୟ ମାନ୍ୟତା ପ୍ରଦାନରେ କାଳୀଚରଣଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି କହିଥିଲେ। ସେହିପରି ସାମାଜିକ ଅନୁଷ୍ଠାନ ସମୀଚୀନ ପକ୍ଷରୁ ମର୍କତନଗରସ୍ଥିତ କାର୍ଯ୍ୟାଳୟରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।



ପ୍ରବଳ ଶୀତରେ ସାରା ରାଜ୍ୟ ଥରୁଥିବାବେଳେ ରାଜଧାନୀ ରାତିରେ ଲୋୟର ପିଏମ୍‌ଜି ଧାରଣାସ୍ଥଳ ନିକଟରେ କୋଭିଡ୍-୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ନିଆଁ ପୋଉଁଛନ୍ତି।

## କଟକରେ ବଜ୍ରକାପ୍ତା ର୍‍ୟାକେଟ

- ବଜ୍ରକାପ୍ତା ଜବତ କଲା କ୍ରାଇମବ୍ରାଞ୍ଚ, ଜଣେ ଗିରଫ
- ନନ୍ଦନକାନନରେ ନ ରଖି ଜଙ୍ଗଲରେ ଛାଡ଼ିବାକୁ ବିଶେଷଜ୍ଞଙ୍କ ଦାବି



**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)/ କଟକ ସଦର (ଡି.ଏନ.ଏ.)**

ଓଡ଼ିଶାରେ ସକ୍ରିୟ ରହିଥିବା ବନ୍ୟପ୍ରାଣୀ ଚୋରା ଚାଲାଣ ର୍‍ୟାକେଟ କଟକକୁ ଲମ୍ବିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ କଟକ କନ୍ଦରପୁର ଥାନା ଅନ୍ତର୍ଗତ ବିରିବାଟୀ ନିକଟରୁ ଗୋଟିଏ ୧୬ କେ.ଜି.ର ଜୀବନ୍ତ ଅଣ୍ଡିରା ବ୍ରଜକାପ୍ତା ଜବତ କରିବା ସହ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଢିଅସାହି ଗୁମୁଟିପୁରର ସନ୍ତୋଷ କୁମାର ଦଳାଇ। ବୁଧବାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୩୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବଜ୍ରକାପ୍ତା କେଉଁଠୁ ଆସିଥିଲା, କିଏ ଧରିଥିଲା ଓ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାର ଖୋଳତାଡ଼ ଜାରି ରହିଥିବା ଏସ୍‌ଟିଏଫ୍ ଅତିରିକ୍ତ ଏସ୍‌ପି ତେଜରାତ ପଟେଲ ସୂଚନା ଦେଇଛନ୍ତି। ବଜ୍ରକାପ୍ତା ଚୋରା ଚାଲାଣ ସମ୍ପର୍କରେ ଖବର ପାଇବା ପରେ ଏସ୍‌ଟିଏଫ୍ ଧରିବାକୁ ଜାଲ ବିଛାଇଥିଲା। ଜଣେ ଅଧିକାରୀ ନିଜେ ଗରାଖ ସାଜି ସନ୍ତୋଷଙ୍କ ସହ ଯୋଗାଯାଗ କରିବା ପରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଯୋଜନାବଦ୍ଧ ଭାବେ ଧରିଥିଲେ। ମଞ୍ଚେଶ୍ୱର ରେଞ୍ଜ ଅଧିକାରୀ ବାଉରୀ ବନ୍ଧୁ ମହାପାତ୍ର ଓ ଫରେଷ୍ଟ ଗାର୍ଡ ଦିଲୀପ ମିଶ୍ର ବଜ୍ରକାପ୍ତାଟିକୁ ନେଇ ନନ୍ଦନକାନନରେ ଛାଡ଼ିଛନ୍ତି। ତେବେ ଏକ ସୁସ୍ଥ ବଜ୍ରକାପ୍ତାକୁ ଚିଡ଼ିଆଖାନାରେ ବନ୍ଦୀ କରି ରଖିବାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଦିନେ ଦୁଇଦିନ ଭିତରେ ଅଭିଯୁକ୍ତଙ୍କୁ ଜେରା କରି କେଉଁ ଜଙ୍ଗଲରୁ ବଜ୍ରକାପ୍ତା ଧରାଯାଇଥିଲା ସେଠାରେ ଛାଡ଼ିବାର ବ୍ୟବସ୍ଥା କରାଯାଉ।

## ଜେଲରେ ହୋଟେଲ ସୋଲାନ ଇନ୍ ମାଲିକଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଠକେଇ ମାମଲାରେ ଗିରଫ ହୋଇ ଖାରପଡ଼ା ଜେଲରେ ଥିବା ହୋଟେଲ ସୋଲାନ ଇନ୍ ମାଲିକ କମଳାକାନ୍ତ ଦାସଙ୍କ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ଚାଲିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଶାର୍ଟରେ ବାନ୍ତି ଲାଗିଥିବାବେଳେ ସେ ପ୍ୟାଣ୍ଟରେ ପରିସ୍ରା କରିଦେଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଥିବାବେଳେ ଲକ୍ଷ୍ମୀସାଗର ପୋଲିସ ମୃତ୍ୟୁର କାରଣକୁ ନେଇ ତଦନ୍ତ ଆରମ୍ଭ କରିଛି। କିଛିଦିନ ତଳେ ବାର୍ ଲିଜ୍ ଦେବାକୁ ନେଇ ୧୦ ଲକ୍ଷ ଟଙ୍କା ଠକେଇ ନେଇ ଖାରବେଳନଗର ଥାନାରେ ହୋଇଥିବା ମାମଲାରେ ସେ ଜେଲ୍ ଯାଇଥିଲା। ବୁଧବାର ତାଙ୍କ ମୁଣ୍ଡ ବୁଲାଇବା ସହ ପେଟ ଫୁଲି ଯାଇଥିଲା। ପ୍ରଥମେ ତାଙ୍କୁ ଜେଲ୍ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ମୃତ୍ୟୁ ଖବର ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏନ୍‌ଏଚ୍‌ଆର୍‌ସିଙ୍କ ଗାଇଡ୍‌ଲାଇନ ଅନୁସାରେ ବ୍ୟବଚ୍ଛେଦ ଓ ତଦନ୍ତ କରାଯିବ। ସୂଚନାଯୋଗ୍ୟ, ପୂର୍ବରୁ କମଳାକାନ୍ତ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଲିଙ୍କ୍‌ରେ ଗିରଫ ହୋଇ ଜେଲ ଯାଇଥିଲା। ସେ ଜେଲରୁ ଜାମିନରେ ବାହାରିବା ପରେ ପୁଣି ଠକେଇ ମାମଲାରେ ଜେଲ ଯାଇଥିଲେ।

## ଭାଜପା ପଦଯାତ୍ରାରେ ୨ ଗୋଷ୍ଠୀ ମୁହାଁମୁହିଁ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ନୟାପଲ୍ଲୀ ବେହେରାସାହିରେ ଭାଜପାର ପଦଯାତ୍ରାବେଳେ ବୁଧବାର ୨ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଭାଜପା ନେତା ଉମେଶ ଖଣ୍ଡେଲୱାଲଙ୍କୁ ଆକ୍ରମଣ ଉଦ୍ୟମ ହୋଇଥିବା ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଉମେଶଙ୍କ ନେତୃତ୍ୱରେ କେତେଜଣ ଯୁବନେତା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହାଦେଖି ଭାଜପା ନେତା ଜଗନ୍ନାଥ ପ୍ରଧାନ ସେମାନଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପଦଯାତ୍ରା ସରିବା ପରେ ଉମେଶ ଖଣ୍ଡେଲୱାଲ ଘରକୁ ଫେରୁଥିଲେ। ଏତିକିବେଳେ ଜଗନ୍ନାଥ ପ୍ରଧାନଙ୍କ ୪ରୁ ୫ଜଣ ସମର୍ଥକ ଉମେଶଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଉମେଶଙ୍କ କାର୍‌ରେ ଦାଗ ହୋଇଛି। ଏହାପରେ ଉମେଶ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ସ୍କାଏ କିଙ୍ଗ୍ ଟଙ୍କା ବକେୟା ରଖିଥିବା କହିଲେ ଅଭୟକାନ୍ତ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫହୋଇ ଜେଲ ଯାଇଥିବା ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତଙ୍କ ଦୁଇଦିନିଆ ରିମାଣ୍ଡ ବୁଧବାର ଶେଷ ହୋଇଛି। ଟ୍ରାଭେଲ ସଂସ୍ଥା ସ୍କାଏ କିଙ୍ଗ୍‌କୁ ଠକେଇ ମାମଲାରେ କମିଶନରେଟ ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ଜେରା କରିଥିଲା। ତେବେ ଜେରାବେଳେ ଚାର୍ଟର ଫ୍ଲାଇଟ୍ ଓ ହୋଟେଲ ବୁକ୍ ବାବଦକୁ ୬୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ରହିଥିବା ନେଇ ପାଠକ ସ୍ୱୀକାର କରିଥିବା ସୂଚନା ମିଳିଛି। ଏହି ଠକେଇ ସହ ଟାଟା କମ୍ପାନୀରେ ନିଯୁକ୍ତ ଜାଲିଆତି ମାମଲାରେ ଜେଲ ଯାଇଥିବା ତାଙ୍କ ପୁଅ ଆକାଶଙ୍କୁ ମଧ୍ୟ ପୋଲିସ ୪ ଦିନିଆ ରିମାଣ୍ଡରେ ଆଣିଥିଲା। ତାଙ୍କ ବୟାନକୁ ଆଧାର କରି ବାପା ଅଭୟକାନ୍ତଙ୍କୁ ରିମାଣ୍ଡରେ ଆଣିଥିଲା ପୋଲିସ। ଗୁରୁବାର ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ଡିସିପି ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସଂସ୍ଥାର ମ୍ୟାନେଜିଂ ପାର୍ଟନର ପ୍ରଭାସ କୁମାର ଚୌଧୁରୀଙ୍କ ଅଭିଯୋଗକ୍ରମେ ଖାରବେଳନଗର ଥାନା ପୋଲିସ ନଂ.୨୯୩/୨୦ରେ ମାମଲା ରୁଜୁ କରିଛି।

## ଶ୍ରୀମନ୍ଦିରରେ ପଶିଲେ ନାଗାସାଧୁ, ଅଣସେବାୟତ

**ପୁରୀ ଅଫିସ, ୨୩।୧୨**

ଶ୍ରୀମନ୍ଦିର ବୁଧବାର ଖୋଲିଛି। ପ୍ରଥମ ପର୍ଯ୍ୟାୟରେ କେବଳ ସେବାୟତ ପରିବାରର ସଦସ୍ୟମାନଙ୍କୁ ଦର୍ଶନ ଲାଗି ଅନୁମତି ମିଳିଥିଲା। ତେବେ ପ୍ରଶାସନର କଡ଼ା କଟକଣା ସତ୍ତ୍ୱେ ପୋଲିସକୁ ଚକ୍‌ମା ଦେଇ ଜଣେ ନାଗାସାଧୁ ଏବଂ ୩ଜଣ ଅଣସେବାୟତ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ସେହିପରି ଅନ୍ୟ ଏକ ଘଟଣା କ୍ରମରେ ଦୁଇଜଣ ଅଣସେବାୟତ ମହିଳା ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିବା ଅଭିଯୋଗ ହୋଇଛି। ସେମାନେ ନିଜକୁ ସେବାୟତ ପରିବାରର ସଦସ୍ୟ ବୋଲି କହୁଥିଲେ ମଧ୍ୟ ନିଜ ପରିଚୟପତ୍ର ଦେଖାଇ ପାରି ନ ଥିଲେ। ତେବେ ପୋଲିସ ଓ ପ୍ରଶାସନ ଏକଥା କିଭଳି ଜାଣିପାରିଲା ନାହିଁ ସେ ନେଇ ପ୍ରଶ୍ନ ଉଠୁଛି। କଟକଣା ଫିକା ପଡ଼ିଥିବା ଚର୍ଚ୍ଚା ହେଉଛି।



ଶ୍ରୀମନ୍ଦିର ଭିତରକୁ ଜଣେ ନାଗା ସାଧୁ (ବୃତ୍ତ ଚିହ୍ନିତ) ପ୍ରବେଶ କରୁଛନ୍ତି।

## ନବନିଯୁକ୍ତ ୮୦ ଅଧ୍ୟାପକଙ୍କୁ ମିଳିଲା ନିଯୁକ୍ତିପତ୍ର

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ୮୦ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବୁଧବାର କୃଷି ଭବନରେ ଅନୁଷ୍ଠିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଇତିହାସ ବିଭାଗର ୭୪ଜଣ, ଓଡ଼ିଆ ବିଭାଗର ୫ ଓ ରାଜନୀତି ବିଜ୍ଞାନର ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ବିଦ୍ୟାର୍ଥୀଙ୍କୁ ଗଢ଼ିବା ଦିଗରେ ଅଧ୍ୟାପକମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ। ଶିକ୍ଷକମାନେ ଛାତ୍ର ଗଢ଼ିବା ସହିତ ଦେଶ ଗଢ଼ିଥାଆନ୍ତି। ସେମାନେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହିତ ନିରନ୍ତର ସମ୍ପର୍କ ରକ୍ଷା କରି ଭଲ ବିଦ୍ୟାର୍ଥୀ ତିଆରି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।



ନବନିଯୁକ୍ତ ଅଧ୍ୟାପକଙ୍କୁ ମନ୍ତ୍ରୀ ଅରୁଣ କୁମାର ସାହୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ପାଠ ପଢ଼ାକୁ ଆକର୍ଷଣୀୟ କରିପାରିଲେ ବିଦ୍ୟାର୍ଥୀମାନେ ଅଧିକ ମାତ୍ରାରେ ଉତ୍ସାହିତ ହେବେ। ଉଚ୍ଚଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିଭାଗ ବହୁ ସଂସ୍କାରମୂଳକ ପଦକ୍ଷେପ ନେଇଥିବାବେଳେ ଏହାର ଠିକ୍ ରୂପାୟନ କରି ଛାତ୍ରୀଛାତ୍ରଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବା ଦିଗରେ ଅଧ୍ୟାପିକାଅଧ୍ୟାପକମାନେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। କାର୍ଯ୍ୟକ୍ରମକୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ।

## ଚଉଷଠି ଯୋଗିନୀ ମହୋତ୍ସବକୁ ନେଇ ବିବାଦ

**ବାଲକାଟୀ, ୨୩।୧୨(ଡି.ଏନ୍.ଏ)**

- ଦୁଇ ଗୋଷ୍ଠୀ ମୁହାଁମୁହିଁ
- ଦିନକ ପୂର୍ବରୁ ଗୋଟିଏ ଗୋଷ୍ଠୀ ପାଳିଲା ଭର୍ଚୁଆଲ ମହୋତ୍ସବ
- ଆଜି ଆୟୋଜକ ନୃତ୍ୟ ପ୍ରତିଭା ଅନୁଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ରାଜଧାନୀ ଉପକଣ୍ଠ ବାଲକାଟୀର ହୀରାପୁରସ୍ଥିତ ମହାମାୟୀ ଚଉଷଠି ଯୋଗିନୀଙ୍କ ପୀଠରେ ବୁଧବାର ଚଉଷଠି ଯୋଗିନୀ ମହୋତ୍ସବ ହେବାର ଥିଲା। ହେଲେ ମୁଖ୍ୟ ଆୟୋଜକ ପକ୍ଷରୁ ମହୋତ୍ସବ ପାଇଁ ଅନୁମତି ମାଗିବା ସତ୍ତ୍ୱେ ନ ମିଳିବାରୁ ଚଳିତବର୍ଷ ମହୋତ୍ସବ ବନ୍ଦ ହୋଇଛି। ଏହାକୁ ନେଇ ମୁଖ୍ୟ ଆୟୋଜକ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଅନ୍ୟପଟେ ଅନ୍ୟ ଏକ ଗୋଷ୍ଠୀ ମହୋତ୍ସବର ଗୋଟିଏ ଦିନ ପୂର୍ବରୁ ଭର୍ଚୁଆଲ ମାଧ୍ୟମରେ ମହୋତ୍ସବ ପାଳନ କରିସାରିଛି। ଫଳରେ ମୁଖ୍ୟ ଆୟୋଜକ ମଧ୍ୟ ମହୋତ୍ସବ ପାଳନ ନେଇ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବାର ଯୋଜନା କରିଛନ୍ତି। ଯାହା ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିବାବେଳେ ମହୋତ୍ସବ ବିବାଦ ତେଜିବାରେ ଲାଗିଛି।

ସୂଚନା ମୁତାବକ, ପ୍ରତିବର୍ଷ ‘ନୃତ୍ୟ ପ୍ରତିଭା’ ଅନୁଷ୍ଠାନ ପକ୍ଷରୁ ଚଉଷଠି ଯୋଗିନୀ ମହୋତ୍ସବ କରାଯାଇଥାଏ। ହେଲେ ମହୋତ୍ସବରେ ସ୍ଥାନୀୟ ପ୍ରତିଭାଙ୍କୁ ସୁଯୋଗ ନ ମିଳିବା ଅଭିଯୋଗ ଆଣି ଟ୍ରଷ୍ଟି, କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ଚଳିତବର୍ଷ ମହୋତ୍ସବ ହେବାକୁ ନେଇ ନାନା ବିବାଦ ଉଠିଥିଲା। ଏଥିପାଇଁ ମୁଖ୍ୟ ଆୟୋଜକଙ୍କ ପକ୍ଷରୁ ଗତ ୪ଦିନ ତଳେ ଏକ ବୈଠକ କରାଯାଇ ସମସ୍ତ ସହଯୋଗ ଲୋଡିବାକୁ ଅନୁରୋଧ କରିବା ସହ ମହୋତ୍ସବ କରିବା ଲାଗି ପ୍ରଶାସନ ପକ୍ଷରୁ ଅନୁମତି ମଗାଯାଇଥିଲା। କିନ୍ତୁ ଅନ୍ୟ ଏକ ଗୋଷ୍ଠୀ କରୋନା କଟକଣା ଦେଖାଇ ମହୋତ୍ସବ ବନ୍ଦ କରିବାକୁ ପ୍ରଶାସନକୁ କହିଥିଲେ। ତେବେ ଉକ୍ତ ଗୋଷ୍ଠୀ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ଷ୍ଟୁଡିଓରେ ଭର୍ଚୁଆଲ ମାଧ୍ୟମରେ ମହୋତ୍ସବ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇଥିଲେ। ମହୋତ୍ସବ ବନ୍ଦ କରିବାକୁ କହି ଏଭଳି ଭର୍ଚୁଆଲ ମାଧ୍ୟମକୁ ମୁଖ୍ୟ ଆୟୋଜକ, ବୁଦ୍ଧିଜୀବୀମାନେ ନାପସନ୍ଦ କରିଥିଲେ। ଫଳରେ ସେହିଭଳି ମୁଖ୍ୟ ଆୟୋଜକ ନୃତ୍ୟ ପ୍ରତିଭା ପକ୍ଷରୁ ମଧ୍ୟ ଗୁରୁବାର ଭର୍ଚୁଆଲରେ ମହୋତ୍ସବ ପାଳନ ହେବ କରାଯିବ ବୋଲି ଅନୁଷ୍ଠାନ ସଭାପତି ଡ.ରଜନୀ ରଞ୍ଜନ କହିଛନ୍ତି। ତେବେ ୨ ଗୋଷ୍ଠୀର ଏଭଳି କନ୍ଦଳକୁ ନେଇ ବିବାଦ ଦେଖାଯାଇଥିବାବେଳେ ସ୍ଥାନୀୟ ଲୋକେ ମଧ୍ୟ ବନ୍ଦକୁ ନେଇ ବିରୋଧ କରିଛନ୍ତି। ମୁଖ୍ୟ ଆୟୋଜକଙ୍କ କହିବା ଅନୁଯାୟୀ, କୋଭିଡ୍ କଟକଣା ମଧ୍ୟରେ ଯେଭଳି କୋଣାର୍କ ମହୋତ୍ସବ ହୋଇପାରୁଛି, ସେହିଭଳି ଗାଇଡ୍‌ଲାଇନ ଅନୁଯାୟୀ ଚଉଷଠି ଯୋଗିନୀ ମହୋତ୍ସବ ହୋଇପାରନ୍ତା। କିନ୍ତୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହାକୁ ରୋକିବାକୁ ଚେଷ୍ଟା କରିଥିଲେ।

## ଅବକାରୀ ଚଢ଼ାଉ : ୧୦ ଦେଶୀ ମଦଭାଟି ଭାଙ୍ଗିଲା

ଆଠଗଡ(ସ୍ୱ.ପ୍ର.) : ଅବକାରୀ ବିଭାଗ ପକ୍ଷରୁ ବୁଧବାର ଆଠଗଡ଼ ଓ ଢେଙ୍କାନାଳ ସୀମାନ୍ତରେ ଥିବା କୋରଙ୍ଗ ଗ୍ରାମରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୦ ବେଆଇନ୍ ଦେଶୀ ମଦଭାଟି ଭାଙ୍ଗି ଦିଆଯାଇଛି। ଏହି ସମୟରେ ବିଭାଗ ପକ୍ଷରୁ ୩୬୦୦ ଲିଟର ଗୁଡ଼ ପୋଚ ନଷ୍ଟ କରି ଦିଆଯାଇଛି। ଅବକାରୀ ଆୟୁକ୍ତ ଅଞ୍ଜନ କୁମାର ମାଣିକଙ୍କ ନିର୍ଦ୍ଦେଶକ୍ରମେ କଟକ ଓ ଢ଼େଙ୍କାନାଳ ଜିଲା ଅବକାରୀ ବିଭାଗ ତରଫରୁ ଏହି ଚଢ଼ାଉ କରାଯାଇଛି। ଏଥିରେ ଅବକାରୀ ନିରୀକ୍ଷକ ସମୀର କୁମାର ମହାନ୍ତି, ଉପନିରୀକ୍ଷକ ବିଜୟ କୁମାର ଭଞ୍ଜ, ଭକ୍ତବତ୍ସଳ ବର୍ମା, ନିରାକର ଦେହୁରୀ, ଲକ୍ଷ୍ମୀପ୍ରିୟା ସିଂ, ମାଗୁଣି ଚରଣ ମାଝି ପ୍ରମୁଖ ସାମିଲ ହୋଇଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିପାରୁନି ଓଡ଼ିଶା

**ଓଡ଼ିଶା ଡେଭଲପ୍‌ମେଣ୍ଟ ରିପୋର୍ଟ-୨୦୨୦**

- ସ୍ୱାସ୍ଥ୍ୟ ମାନଦଣ୍ଡରେ ୧୯ତମ ସ୍ଥାନରେ ଓଡ଼ିଶା
- ବିକାଶ ମାନଦଣ୍ଡରେ ୨୫ ଜିଲାର ପ୍ରଦର୍ଶନ ଅଧାବାଟରେ
- ଆଦିବାସୀ ଜିଲାରେ ମହିଳା ଓ ଶିଶୁ ରକ୍ତହୀନତା ଚିନ୍ତାଜନକ
- ଗରିବ ହେଉଛନ୍ତି କୃଷକ, ୩ କୋଟି ଟପିବେ ବେକାରୀ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଓଡିଶା ୨୮ ରାଜ୍ୟ ମଧ୍ୟରେ ୧୬ତମ ସ୍ଥାନରେ ରହିଛି। ଅପପୁଷ୍ଟି କ୍ଷେତ୍ରରେ ଓଡିଶା ଜାତୀୟ ହାରଠାରୁ ସାମାନ୍ୟ ତଳେ ରହିଥିଲେ ମଧ୍ୟ ରାଜ୍ୟର ଆଦିବାସୀ ଅଞ୍ଚଳର ସ୍ଥିତି ଚିନ୍ତାଜନକ ରହିଛି। ମାଲକାନଗିରି ଜିଲାରେ ୫୧.୮ ପ୍ରତିଶତ ପିଲା କମ୍ ଓଜନର ହୋଇଥିବାବେଳେ ୪୫.୯ ପ୍ରତିଶତ ମହିଳାଙ୍କ ବଡି ମାସ୍କ ଇଣ୍ଡେକ୍ସ(ବିଏମ୍ଆଇ) ରାଜ୍ୟ ହାରଠାରୁ ଅପେକ୍ଷାକୃତ କମ୍ ରହିଛି। ସେହିପରି ସୁନ୍ଦରଗଡ, ସୁବର୍ଣ୍ଣପୁର, ମାଲାକନଗିରି, ନବରଙ୍ଗପୁର, କୋରାପୁଟ, ବରଗଡ, ବଲାଙ୍ଗୀର, କଳାହାଣ୍ଡି, ଗଜପତି, ନୂଆପଡା ଆଦି ଜିଲାରେ ୫ ବର୍ଷରୁ କମ୍ ବୟସର ଶିଶୁ ଓ ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ଅଧିକ ଦେଖିବାକୁ ମିଳିଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ଭିତ୍ତିଭୂମି ସହ କୁଶଳୀ ସ୍ୱାସ୍ଥ୍ୟକର୍ମୀ ଅଭାବ, ଜିଲା ବା ଉପଖଣ୍ଡ ସ୍ତରରେ ବିଶେଷଜ୍ଞ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଇଛି। ଓଡିଶା ବିକାଶ କନ୍‌କ୍ଲେଭ୍ ତୃତୀୟ ସଂସ୍କରଣରେ ଉଦ୍‌ଘାଟନ ଅବସରରେ ଉନ୍ମୋଚିତ ଓଡିଶା ଡେଭେଲପ୍‌ମେଣ୍ଟ ରିପୋର୍ଟ-୨୦୨୦ରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ଉକ୍ତ ରିପୋର୍ଟ ଅନୁସାରେ, ସ୍ୱାସ୍ଥ୍ୟ ମାନଦଣ୍ଡରେ ଓଡିଶା ୧୯ତମ ସ୍ଥାନରେ ରହିଛି। ୩୨% ପରିବାରର ବ୍ୟବହାର ଯୋଗ୍ୟ ପାଇଖାନ ନାହିଁ। ମାତ୍ର ୪୫.୪% ଗ୍ରାମ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ପରିଚୟ ପାଇଛି। ବେରୋଜଗାର ଏକ ପ୍ରମୁଖ ସମସ୍ୟାଭାବେ ଉଭାହୋଇଛି। ୨୦୨୧ ବେଳକୁ ଏହା ପ୍ରାୟ ୩ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ସ୍ଥାନୀୟ ଅର୍ଥନୀତି ସୁଦୃଢୀକରଣ ପାଇଁ ଗ୍ରାମୀଣ ଜୀବିକା ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଛି ଏହି ରିପୋର୍ଟ। ସେହିଭଳି ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ସାମଗ୍ରିକ ଶିକ୍ଷା ବିକାଶ ପାଇଁ ଅଧିକ ଯତ୍ନବାନ ହେବାକୁ ଉକ୍ତ ରିପୋର୍ଟରେ ମୁଖ୍ୟ ସମ୍ପାଦକ ପ୍ରଫେସର ଅମିତାଭ କୁଣ୍ଡୁ କହିଛନ୍ତି।

ଆର୍ଥିକ ଆବଣ୍ଟନ ନିମନ୍ତେ ଗଠିତ ବିତ୍ତୀୟ କମିଶନ ସଯୋଜନା କମିଶନଙ୍କ ସୁପାରିଶରେ ଓଡିଶା ବିଶେଷ ଲାଭବାନ ହୋଇପାରିନାହିଁ। କର୍ପୋରେଟ ପୁଞ୍ଜିନିବେଶ ମଧ୍ୟ ଆଶାଜନକ ନୁହେଁ। କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଝାରସୁଗୁଡାର ସ୍ଥିତି ଭଲ ଥିବାବେଳେ ୧୨ଟି ଜିଲାର ବିକାଶ ମାନଦଣ୍ଡରେ ପ୍ରଦର୍ଶନ ଅଧା ବାଟରେ ରହିଛି। ଆଦିବାସୀ ପ୍ରବଣ ଓ ଅପହଞ୍ଚ ଇଲାକା ଥିବା ୧୩ ଜିଲାର ସ୍ଥିତି ଖୁବ୍ ଚିନ୍ତାଶୀଳ। କୃଷକ ପରିବାର ଗରିବରୁ ଅତି ଗରିବ ହେଉଛନ୍ତି। ତେଣୁ କୃଷି ଭଳି ପ୍ରାଥମିକ ଜୀବିକାର ଉତ୍ପାଦନ ବୃଦ୍ଧି ସହ କୃଷି, ଉଦ୍ୟାନ କୃଷି ଭଳି ଉତ୍ପାଦଗୁଡିକର ବଜାରିକରଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ପଦ୍ମଶ୍ରୀ ପ୍ରଫେସର ରାଧାମୋହନ କହିଛନ୍ତି।

ଉନ୍ମୋଚନ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ଯୋଗଦେଇ ଆଦିବାସୀଙ୍କ ଜୀବିକା ବିକାଶ ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ତୃଣମୂଳ ସ୍ତରର ସମସ୍ୟା, ବିଭିନ୍ନ ବିକାଶ ନୀତି, ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ପ୍ରସ୍ତାବକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଏହି ରିପୋର୍ଟର ମୁଖ୍ୟ ଲକ୍ଷ୍ୟ ବୋଲି ଓଡିଶା ଡେଭଲପମେଣ୍ଟ ଇନିସିଏଟିଭିସ୍‌ର ଆବାହକ ତଥା ସିଓ୍ୱାଇଏସ୍‌ଡିର ମାର୍ଗଦର୍ଶକ ଜଗଦାନନ୍ଦ କହିଥିଲେ।

## ସଂକ୍ଷେପରେ

### ଲେଖିକା ଅପର୍ଣ୍ଣା ମିଶ୍ରଙ୍କ ୩ପୁସ୍ତକ ଉନ୍ମୋଚିତ

କଟକ ଅଫିସ, ୨୩।୧୨- ଲେଖିକା ଅପର୍ଣ୍ଣା ମିଶ୍ରଙ୍କ ଦୁଇଟି ଉପନ୍ୟାସ ଆଇନା ଓ ଜୀବନ ଜିଜ୍ଞାସା ଏବଂ ଗୋଟିଏ ଅନୁବାଦ ପୁସ୍ତକ ପୁନର୍ଜନ୍ମ ଶ୍ରୀରାମଚନ୍ଦ୍ର ଭବନଠାରେ ବୁଧବାର ଉନ୍ମୋଚିତ ହୋଇଛି। ହାଇକୋର୍ଟର ପୂର୍ବତନ ବିଚାରପତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଉକ୍ତ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରିଥିଲେ। ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟବକ୍ତା, କେନ୍ଦ୍ର ସାହିତ୍ୟ ଏକାଡେମୀର ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂ, ଲେଖିକା ମୀନାକ୍ଷୀ, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଉକ୍ତ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

### ବିଜେଡି ପ୍ରାର୍ଥୀ ବିଳାସ ମଲ୍ଲିକ ବିଜୟୀ

କଟକ ସଦର,୨୩।୧୨(ଡି.ଏନ୍.ଏ.)- କଟକ ଜିଲା ପରିଷଦ ୭ନଂ. ଜୋନ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଳାସ ମଲ୍ଲିକ ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ମଲ୍ଲିକ ନିକଟତମ ଭାଜପାର ପ୍ରାର୍ଥୀଙ୍କଠାରୁ ୯୨୨୧ ଅଧିକ ଭୋଟରେ ଆଗୁଆ ରହିଛନ୍ତି। ବୁଧବାର କଟକସଦର ବିଡିଓ ତଥା ନିର୍ବାଚନ ଅଧିକାରୀ ରାଜୀବଲୋଚନ ପରିଡ଼ା ଉପନିର୍ବାଚନ ଫଳାଫଳ ଘୋଷଣା କରିଥିଲେ। ମୋଟ ୧୯ହଜାର ୩୫୭ ଖଣ୍ଡ ଭୋଟ ମଧ୍ୟରୁ ୪୭୮ ଖଣ୍ଡ ନାକଚ ହୋଇଥିଲା। ବିଜେଡି ପ୍ରାର୍ଥୀ ମଲ୍ଲିକ ୧୩୪୨୫ ଭୋଟ ପାଇଥିବାବେଳେ ଭାଜପା ପ୍ରାର୍ଥୀ ନାରାୟଣ ମଲିକ ୪୨୦୪, କଂଗ୍ରେସ ପ୍ରାର୍ଥୀ ନାରାୟଣ ମଲ୍ଲିକ ୭୫୧ ଓ ସ୍ୱାଧୀନ ପ୍ରାର୍ଥୀ ଭାଗୀରଥି ଭୋଇ ୪୯୯ ଖଣ୍ଡ ଭୋଟ ପାଇଛନ୍ତି। ମଙ୍ଗଳବାର ୧୨୪ଟି ବୁଥରେ ଏହି ଉପନିର୍ବାଚନ ହୋଇଥିଲା।

### ସିଏମ୍‌ସି ପକ୍ଷରୁ ସମ୍ବର୍ଦ୍ଧନା

କଟକ ଅଫିସ, ୨୩।୧୨- କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ପରିସରସ୍ଥିତ ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ପକ୍ଷରୁ ୨୦୧୧ ଜନଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ପରିଗଣନାକାରୀ ଏବଂ ସୁପରଭାଇଜରଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଧରପୁର ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ବାସନ୍ତୀ ବେହେରା, ସତ୍‌ସଙ୍ଗ ନୋଡାଲ ହାଇସ୍କୁଲର ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ଦୀକ୍ଷିତ, କାଜିଦିହ ଉପ୍ରା ବିଦ୍ୟାଳୟର ପ୍ରେମଲତା ମହାନ୍ତି, ନୂଆବଜାର ହାଇସ୍କୁଲରୁ ସୁବେଶ ଛୋଟରାୟ, ବିଜୟ କୁମାର ମୁଦୁଲି, ରାଣୀହାଟ ହାଇସ୍କୁଲରୁ ବୁଧେଶ୍ୱର ଜେନା ଶ୍ରେଷ୍ଠ ପରିଗଣନାକାରୀ ଭାବେ ସମ୍ମାନିତ ହୋଇଛନ୍ତି। ଉତ୍ସବରେ ସିଏମ୍‌ସି ଅତିରିକ୍ତ ଆୟୁକ୍ତ ସୁମିତ୍ରା ସରକାର, ସଚିବ ଲତାଶ୍ରୀ ବାଗ, ଜନଗଣନା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ମିଲିତା ଦତ୍ତ, କଟକ ଜିଲାର ସଂଯୋଜକ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ବାଲି ବୋଝେଇ ହାଇୱା ଜବତ: ଚାଳକ ଗିରଫ

ଟିଗିରିଆ, ୨୩।୧୧(ଡି.ଏନ୍.ଏ.) ମହାନଦୀରୁ ବେଆଇନ ଭାବେ ବାଲି ବୋଝେଇ କରି ଅନୁଗୋଳ ଅଭିମୁଖେ ଯାଉଥିବା ଏକ ହାଇୱାକୁ ଟିଗିରିଆ ଥାନା ପକ୍ଷରୁ ଜବତ କରାଯାଇଛି। ଏଥିସହ ଚାଳକ ବୁଦ୍ଧେଶ୍ୱର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଟିଗିରିଆ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗୋଡ଼ିଝରିଆ ନିକଟସ୍ଥ କଲରାଗଡ଼ ଛକରେ ଏହି ବାଲି ବୋଝେଇ ହାଇୱାକୁ ଧରିଥିଲା।

## ‘ଓଡ଼ିଶୀନାଚପାଇଁ କାଳୀଚରଣଙ୍କ ଅବଦାନ ଅତୁଳନୀୟ’

ବାଙ୍କୀ/କଟକ,୨୩।୧୨(ସ୍ୱ.ପ୍ର.)

ବାଙ୍କୀ ପ୍ରେସ୍ କ୍ଲବ ପରିସରରେ ବୁଧବାର ବାଙ୍କୀର ବରପୁତ୍ର କବିଚରଣ କାଳୀଚରଣ ପଟ୍ଟନାୟକଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ମାସିକ ସାହିତ୍ୟ ଆସର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମବାୟ ବିଭାଗ ମହାସମୀକ୍ଷକ ସୁନିତା ଶତପଥୀ ଯୋଗଦେଇ କାଳିଚରଣଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ ଓଡ଼ିଶାର ବରିଷ୍ଠ ଗୀତିକାର ସଚ୍ଚି ମହାନ୍ତି, ରାଜ୍ୟ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭରତ ଚନ୍ଦ୍ର ବେହେରା, ବିଶିଷ୍ଟ ଚିତ୍ର ଶିଳ୍ପୀ ମହେନ୍ଦ୍ର ମହାପାତ୍ର ଓ ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଶୀ ନାଚକୁ ରାଷ୍ଟ୍ରୀୟ ମାନ୍ୟତା ପ୍ରଦାନରେ କାଳୀଚରଣଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି କହିଥିଲେ। ସେହିପରି ସାମାଜିକ ଅନୁଷ୍ଠାନ ସମୀଟୀନ ପକ୍ଷରୁ ମର୍କତନଗରସ୍ଥିତ କାର୍ଯ୍ୟାଳୟରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

# ଧାନକ୍ରୟରେ ସ୍ୱଚ୍ଛତା ପାଇଁ ‘ହାପି’



କଟକ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଜିଲା କନଫରେନ୍ସ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ‘ହାପି’ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି ।

- ପ୍ରଥମ ପର୍ଯ୍ୟାୟରେ ୯.୬୧ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟଧାର୍ଯ୍ୟ
- କ୍ଷୁଦ୍ର, ନାମମାତ୍ର ଚାଷୀଙ୍କଠାରୁ ପ୍ରଥମେ ଧାନ କିଣାଯିବ

କଟକ ଅଫିସ, ୨୩।୧୨

୫-ଟି ଆଧାରରେ ଜିଲା ପ୍ରଶାସନ ପକ୍ଷରୁ ଧାନ କ୍ରୟ ନିମନ୍ତେ ସୁବ୍ୟବସ୍ଥା କରାଯାଇଛି। ଏଥିପାଇଁ ହାପି (ହାସଲ୍ ଫ୍ରି ଆରେଞ୍ଜମେଣ୍ଟସ୍ ଫର୍ ପ୍ୟାଡି ପ୍ରୋକ୍ୟୋରମେଣ୍ଟ ଯୋଜନା) କାର୍ଯ୍ୟକ୍ରମର ବୁଧବାର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ଦଳଗତ, ସାମୂହିକ କାର୍ଯ୍ୟ, ସମୟ ସାପେକ୍ଷ, ରୂପାନ୍ତରୀକରଣ ଓ ସ୍ୱଚ୍ଛତା ଅବଲମ୍ବନ କରି ଜିଲାରେ ଧାନ କ୍ରୟ କାରାଯିବ। ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ, ମହିଳା ଏବଂ ଶିଶୁ ବିଭାଗ ଓ ମିଶନ ଶକ୍ତି ବିଭାଗ ସମନ୍ୱୟ ରକ୍ଷା କରିବେ। ଜିଲାରେ ଚଳିତ ଖରିଫ ବର୍ଷ ୨୦୨୦-୨୧ରେ ଯେପରି ଉଚିତ୍ ଏବଂ ସରଳୀକରଣ ବ୍ୟବସ୍ଥା ମାଧ୍ୟମରେ ଧାନ କ୍ରୟ କରାଯାଇପାରିବ ସେନେଇ ବ୍ୟବସ୍ଥା କରାଯାଇଥିବା ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁତ୍ୱ ଦେଇଛନ୍ତି।

ଜାତୀୟ କୃଷକ ଦିବସରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଚୟନୀ ଅଧକ୍ଷତା କରି କହିଥିଲେ ଯେ, ଉକ୍ତ ଯୋଜନାରେ କୃଷକଙ୍କ ସାଥି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଶନ ଶକ୍ତିରେ ମହିଳାଙ୍କୁ ସାମିଲ କରାଯିବ। ସେମାନଙ୍କ ସହଯୋଗରେ ଧାନ ଉଠାଣ, ଧାନ ମଣ୍ଡିରେ ଓଜନ, ଧାନ ସଫା ଆଦି ସମସ୍ତ କାର୍ଯ୍ୟ ହେବ। ଫଳରେ ଧାନ କ୍ରୟରେ ସ୍ୱଚ୍ଛତା ଏବଂ ଧାନର ଗୁଣାତ୍ମକ ମୂଲ୍ୟ ଆକଳନ କରାଯାଇପାରିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ଏକ ପୁସ୍ତିକା ମଧ୍ୟ ପ୍ରସ୍ତୁତ କରାଯାଇଛି। ସେହିପରି ଅନ୍‌ଲାଇନ ବ୍ୟବସ୍ଥା ସହ ପି-ପାସ୍, ଆଗୁଆ ଟୋକନ ବ୍ୟବସ୍ଥା, ସରକାରୀ ଘୋଷିତ ଦରରେ ନିର୍ଦ୍ଦିଷ୍ଟ ସମୟରେ ଧାନ କ୍ରୟ କରାଯିବ ବୋଲି ଜିଲାପାଳ ଚୟନୀ କହିଥିଲେ। ଚାଷୀର ଉନ୍ନତି, ଉପୁଜୁଥିବା ଅସୁବିଧାକୁ ଦୂରକରିବା ଉପରେ ରାଜ୍ୟ ସଭା ସଦସ୍ୟ ସୁବାସ ଚନ୍ଦ୍ର ସିଂହ, ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ସୌଭିକ ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜିଲାରେ ୨୦୪ଟି ସମବାୟ ସଂସ୍ଥା ଦ୍ୱାରା ୨୨୫ଟି ସ୍ଥାନରେ ୮ଟି ମିଲରଙ୍କ ଦ୍ୱାରା ଧାନ ସଂଗ୍ରହ କରାଯିବ। ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ଦ୍ୱାରା ୯.୬୧ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି ସମସ୍ତ ସମବାୟ ସଂସ୍ଥାଗୁଡିକୁ ୩୭୩ ଜଣ କୃଷକସାଥୀ ଏବଂ ୯୦୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଗ କରାଯାଇଛି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ ଧାନକ୍ରୟ ନିମନ୍ତେ ଜିଲାର ପ୍ରତ୍ୟେକ ବ୍ଲକରେ ୨ଟି ସମବାୟ ସଂସ୍ଥାକୁ ପାଇଲଟ ପ୍ରୋଜେକ୍ଟ ରୂପେ ନିଆଯାଇଛି।

# କଟକରେ ବଜ୍ରକାପ୍ତା ର‍୍ୟାକେଟ

- ବଜ୍ରକାପ୍ତା ଜବତ କଲା କ୍ରାଇମବ୍ରାଞ୍ଚ, ଜଣେ ଗିରଫ
- ନନ୍ଦନକାନନରେ ନ ରଖି ଜଙ୍ଗଲରେ ଛାଡ଼ିବାକୁ ବିଶେଷଜ୍ଞଙ୍କ ଦାବି



ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)/ କଟକ ସଦର (ଡି.ଏନ.ଏ.)

ଓଡ଼ିଶାରେ ସକ୍ରିୟ ରହିଥିବା ବନ୍ୟପ୍ରାଣୀ ଚୋରା ଚାଲାଣ ର‍୍ୟାକେଟ କଟକକୁ ଲମ୍ବିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ କଟକ କନ୍ଦରପୁର ଥାନା ଅନ୍ତର୍ଗତ ବିରିବାଟୀ ନିକଟରୁ ଗୋଟିଏ ଜୀବନ୍ତ ଅଣ୍ଡିରା ବ୍ରଜକାପ୍ତା ଜବତ କରିବା ସହ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଡିଅସାହି ଗୁମୁଟିପୁରର ସନ୍ତୋଷ କୁମାର ଦଳାଇ। ବୁଧବାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୩୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବଜ୍ରକାପ୍ତା କେଉଁଠୁ ଆସିଥିଲା, କିଏ ଧରିଥିଲା ଓ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାର ଖୋଳତାଡ଼ ଜାରି ରହିଥିବା ଏସ୍‌ଟିଏଫ୍ ଅତିରିକ୍ତ ଏସ୍‌ପି ତେଜରାତ ପଟେଲ ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ବଜ୍ରକାପ୍ତା ଚୋରା ଚାଲାଣ ସମ୍ପର୍କରେ ଖବର ପାଇବା ପରେ ଏସ୍‌ଟିଏଫ୍ ଧରିବାକୁ ଜାଲ ବିଛାଇଥିଲା। ଜଣେ ଅଧିକାରୀ ନିଜେ ଗରାଖ ସାଜି ସନ୍ତୋଷଙ୍କୁ ଯୋଗାଯୋଗ କରିବା ପରେ ଲକ୍ଷାଧିକ ଟଙ୍କାରେ ଡିଲ୍ ହୋଇଥିଲା। ଯୋଜନା ମୁତାବକ ମଙ୍ଗଳବାର ସନ୍ଧ୍ୟା ୭ଟାରେ ବିରିବାଟୀ ମାଛଗାଁ କେନାଲ ରୋଡ୍ ନିକଟରେ ସନ୍ତୋଷ ପହଞ୍ଚିବା କ୍ଷଣି ସେଠାରେ ଛକି ରହିଥିବା ଏସ୍‌ଟିଏଫ୍ ଟିମ୍ ତାଙ୍କୁ ଘେରିଯାଇଥିଲେ। ତାଙ୍କ ପାଖରେ ଥିବା ଅଖାକୁ ଯାଞ୍ଚ କରିବାରୁ ସେଥିରେ ୧୬ କେ.ଜି.ର ଜୀବନ୍ତ ବଜ୍ରକାପ୍ତା ମିଳିଥିଲା। ଉକ୍ତ ବଜ୍ରକାପ୍ତାକୁ ସିଟି ଡିଏଫ୍‌ଓଙ୍କ ମାଧ୍ୟମରେ ନନ୍ଦନକାନନକୁ ହସ୍ତାନ୍ତର କରାଯାଇଛି। ମଞ୍ଚେଶ୍ୱର ରେଞ୍ଜ ଅଧିକାରୀ ବାଉରୀ ବନ୍ଧୁ ମହାପାତ୍ର ଓ ଫରେଷ୍ଟ ଗାର୍ଡ ଦିଲୀପ ମିଶ୍ର ବଜ୍ରକାପ୍ତାଟିକୁ ନେଇ ନନ୍ଦନକାନନରେ ଛାଡ଼ିଛନ୍ତି। ତେବେ ଏକ ସୁସ୍ଥ ବଜ୍ରକାପ୍ତାକୁ ଚିଡ଼ିଆଖାନାରେ ବନ୍ଦୀ କରି ରଖିବାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଦିନେ ଦୁଇଦିନ ଭିତରେ ଅଭିଯୁକ୍ତଙ୍କୁ ଜେରା କରି କେଉଁ ଜଙ୍ଗଲରୁ ବଜ୍ରକାପ୍ତା ଧରାଯାଇଥିଲା ସେଠାରେ ଛାଡ଼ିବାର ବ୍ୟବସ୍ଥା କରାଯାଉ।

## ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

ଠକେଇ ମାମଲାରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଥିବା ହୋଟେଲ ସୋଲାନ ଇନ୍ ମାଲିକ କମଳାକାନ୍ତ ଦାସଙ୍କ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ଚାଲିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଶାର୍ଟରେ ବାନ୍ଧି ଲାଗିଥିବାବେଳେ ସେ ପ୍ୟାଣ୍ଟରେ ପରିସ୍ରା କରିଦେଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଥିବାବେଳେ ଲକ୍ଷ୍ମୀସାଗର ପୋଲିସ ମୃତ୍ୟୁର କାରଣକୁ ନେଇ ତଦନ୍ତ ଆରମ୍ଭ କରିଛି।

କିଛିଦିନ ତଳେ ବାର୍ ଲିଜ୍ ଦେବାକୁ ନେଇ ୧୦ ଲକ୍ଷ ଟଙ୍କା ଠକେଇ ମାମଲାରେ ଖାରବେଳନଗର ଥାନା ପୋଲିସ କମଳାକାନ୍ତଙ୍କୁ ଗିରଫ କରିଥିଲା।

## ଧାନମଣ୍ଡି ଉଦ୍‌ଘାଟିତ

ଆଠଗଡ଼/ଟାଙ୍ଗୀ କଟକ, ୨୩।୧୨

ଆଠଗଡ଼ ବ୍ଲକ ରାଧାଗୋବିନ୍ଦପୁର ପଞ୍ଚାୟତସ୍ଥିତ ଲକ୍ଷ୍ମୀନାରାୟଣପୁର ସେବା ସମବାୟ ସମିତି ପକ୍ଷରୁ ବୁଧବାର ଧାନମଣ୍ଡି ଶୁଭାରମ୍ଭ କରାଯାଇଛି। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଚାଷୀମାନେ ଅନ୍‌ଲାଇନ୍ ଟୋକନ୍ ଜରିଆରେ ମଣ୍ଡିରେ ଧାନ ବିକ୍ରି କରିଥିଲେ। ପ୍ରଥମ ଦିନରେ ୪ ଜଣ ଚାଷୀଙ୍କ ଠାରୁ ୧୦୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଲକ୍ଷ୍ମୀନାରାୟଣପୁର ସମିତିର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକର ୨୪ଟି ପଞ୍ଚାୟତରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। କନ୍ହେଇପୁର ସେବା ସମବାୟ ସମିତି ପରିସରରେ ଆୟୋଜିତ ପଞ୍ଚାୟତ ସମିତିସ୍ତରୀୟ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ସାହାଜାନ୍, ବିଡିଓ ବିନୋଦ ସେନାପତି, ସମବାୟ ଅଧିକାରୀ ଅପର୍ଣ୍ଣା ଶତପଥୀ, କୁଳମଣି ବାରିକ, ସସ୍ମିତା ସାହୁ, ରାଜେଶ ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଛାତ୍ର ଶକ୍ତି କ୍ରିୟାଶୀଳ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

କଟକ ଅଫିସ, ୨୩।୧୨:

ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ କଟକ ଜିଲା ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଛାତ୍ରମାନେ ନିଜର ବିକାଶ ଓ ଉନ୍ନତ ଭବିଷ୍ୟତ ଗଢି ତୋଳିବାକୁ ଉପଦେଶ ଦେଇଥିଲେ। ବୈଠକରେ କଟକ ଜିଲା ଛାତ୍ର ବିଜେଡି ପକ୍ଷରୁ ଭରତ ସାହୁ, ପ୍ରୀତି ଚନ୍ଦନ ତରାଇ, ରୋମା ପ୍ରିୟଦର୍ଶିନୀ, ପ୍ରୀତିମୟୀ ପୃଷ୍ଟି, ରଞ୍ଜିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

ଟାଙ୍ଗୀ(କଟକ),୨୩।୧୨(ଡି.ଏନ୍.ଏ):

ଆବଶ୍ୟକ ସଂଖ୍ୟକ ଛାତ୍ରୀ ନ ଥିବାରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଟାଙ୍ଗୀସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ବନ୍ଦ କରି ନିକଟ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯିବା ନେଇ ନିଷ୍ପତ୍ତି ପ୍ରଶାସନିକ ସ୍ତରରେ ହୋଇଥିଲା। ଏହି ନିଷ୍ପତ୍ତିକୁ ବିରୋଧ କରି ସରପଞ୍ଚ ଅମୂଲ୍ୟ ସାହୁଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଅଭିଭାବକ ବିଦ୍ୟାଳୟ ଫାଟକରେ ପ୍ରତିବାଦ କରିଥିଲେ। ଏହି ଅବସରରେ ଏକ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ବିନୋଦ କୁମାର ସେନାପତିଙ୍କୁ ପ୍ରଦାନ କରାଯାଇଥିଲା। ସୂଚନା ଅନୁଯାୟୀ, ବିଗତ ୩ବର୍ଷର ଛାତ୍ରୀ ଉପସ୍ଥାନ ଆଧାରରେ ଚଳିତ ବର୍ଷ ଉକ୍ତ ବିଦ୍ୟାଳୟକୁ ସ୍ଥାନୀୟ ଟାଙ୍ଗୀ ବିଦ୍ୟାପୀଠରେ ମିଶ୍ରଣ ନିମନ୍ତେ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ପାଇଲାବେଳକୁ ନବମ ଶ୍ରେଣୀର ମୋଟ ୮୨ଜଣ ଛାତ୍ରୀ ନାମଲେଖାଇ ସାରିଥିଲେ। ଏଭଳି ନିଷ୍ପତ୍ତି ପ୍ରତ୍ୟାହାର କିମ୍ବା ପୁନଃବିଚାର ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ପ୍ରତିବାଦକାରୀ ବାବାଜୀ ମହାନ୍ତି ଓ ସୁକୁମାର ମହାରଣା କହିଛନ୍ତି।

# ନବନିଯୁକ୍ତ ୮୦ ଅଧ୍ୟାପକଙ୍କୁ ମିଳିଲା ନିଯୁକ୍ତିପତ୍ର

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)



ନବନିଯୁକ୍ତ ଅଧ୍ୟାପକଙ୍କୁ ମନ୍ତ୍ରୀ ଅରୁଣ କୁମାର ସାହୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ୮୦ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବୁଧବାର କୃଷି ଭବନରେ ଅନୁଷ୍ଠିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଇତିହାସ ବିଭାଗର ୭୪ଜଣ, ଓଡ଼ିଆ ବିଭାଗର ୫ ଓ ରାଜନୀତି ବିଜ୍ଞାନର ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ବିଦ୍ୟାର୍ଥୀଙ୍କୁ ଗଢ଼ିବା ଦିଗରେ ଅଧ୍ୟାପକମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ। ଶିକ୍ଷକମାନେ ଛାତ୍ର ଗଢ଼ିବା ସହିତ ଦେଶ ଗଢ଼ିଥାଆନ୍ତି। ସେମାନେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହିତ ନିରନ୍ତର ସମ୍ପର୍କ ରକ୍ଷା କରି ଭଲ ବିଦ୍ୟାର୍ଥୀ ତିଆରି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ପାଠ ପଢ଼ାକୁ ଆକର୍ଷଣୀୟ କରିପାରିଲେ ବିଦ୍ୟାର୍ଥୀମାନେ ଅଧିକ ମାତ୍ରାରେ ଉତ୍ସାହିତ ହେବେ। ଉଚ୍ଚଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିଭାଗ ବହୁ ସଂସ୍କାରମୂଳକ ପଦକ୍ଷେପ ନେଇଥିବାବେଳେ ଏହାର ଠିକ୍ ରୂପାୟନ କରି ଛାତ୍ରୀଛାତ୍ରଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବା ଦିଗରେ ଅଧ୍ୟାପିକାଅଧ୍ୟାପକମାନେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। କାର୍ଯ୍ୟକ୍ରମକୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ।

## ଏସ୍‌ୟୁସିଆଇ(ସି) ପକ୍ଷରୁ ଧାରଣା

କଟକ ଅଫିସ, ୨୩।୧୨:

ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଏକ ଓଳି ଅନଶନ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହାକୁ ସମର୍ଥନ ଜଣାଇ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟିର ସଦସ୍ୟମାନେ ବୁଧବାର କଲେଜ ଛକସ୍ଥିତ ନେତାଜୀ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେଇଥିଲେ। ସେଠାରେ କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଦେଶକୁ କର୍ପୋରେଟ କବଳରୁ ରକ୍ଷା କରିବା ଏବଂ କୃଷି ଓ କୃଷକଙ୍କ ସ୍ୱାର୍ଥ ପାଇଁ ଚାଲିଥିବା ସଂଗ୍ରାମକୁ ଜୋରଦାର କରିବାକୁ ବକ୍ତାମାନେ କହିଥିଲେ। ସଭାରେ ଏସ୍‌ୟୁସିଆଇ(ସି) ଓଡ଼ିଶା ରାଜ୍ୟ ସମ୍ପାଦକ ଧୂର୍ଜଟୀ ଦାସ, କଟକ ଜିଲା ସମ୍ପାଦକ ଖଗେଶ୍ୱର ସେଠୀ, ଚାଷୀନେତା ବସନ୍ତ ନାୟକ, ଜିଲା କମିଟି ସଭ୍ୟ ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ଦୀପକ ଦାସ, ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ ହିତରେ କୃଷି ଆଇନ


ଚାଷୀ ସମାବେଶରେ ଯୋଗ ଦେଇଥିବା ଭାଜପା ନେତୃମଣ୍ଡଳୀ।

ଆଠଗଡ,୨୩।୧୨(ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ସମର୍ଥନ କରି ଆଠଗଡ଼ ଭାଜପା ପକ୍ଷରୁ ସ୍ଥାନୀୟ ମହିଳା କଲେଜ ନିକଟ ମିନିଷ୍ଟାଡିୟମରେ ବୁଧବାର ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବରିଷ୍ଠ ଭାଜପା ନେତା ବ୍ରଜେନ୍ଦ୍ର କୁମାର ରାୟଙ୍କ ସଂଯୋଜନାରେ ଆୟୋଜିତ ଏହି ଚାଷୀ ସମାବେଶରେ ଭାଜପା କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ମହେଶ୍ୱର ସାହୁ, ସମ୍ପାଦକ ପି. ସୁଗୁଣାକର ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ଉପ ସଭାପତି ନୟନ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ଜିଲା ସଭାପତି ପ୍ରକାଶ ବେହେରା, ପୂର୍ବତନ ଏମ୍‌ପି ବିଷ୍ଣୁପ୍ରସାଦ ତରେଇ, କଟକ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା ଓ ଶୁଭ୍ରାଂଶୁମୋହନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ସୁରଥ ବିଶ୍ୱାଳଙ୍କ ଦ୍ୱାରା ପରିଚାଳିତ ଏହି ସଭାରେ ବକ୍ତାମାନେ ନୂଆ କୃଷି ଆଇନ୍ ଚାଷୀଙ୍କ ହିତ ଉଦ୍ଦେଶ୍ୟରେ କରାଯାଇଛି ବୋଲି କହିଥିଲେ। କଟକ ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ବହୁ ଚାଷୀ ଏଥିରେ ଯୋଗଦେଇଥିଲେ।

## ଗୋଚର ଜମି ନିଲାମ: ନିର୍ବାହୀ ଅଧିକାରୀଙ୍କ ବଦଳି

କଣ୍ଟାପଡା, ୨୩।୧୨(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନରେ ଥିବା ଏକ ଗୋଚର ଜମିକୁ ବେତବଣ ଆଳରେ ନିଲାମ ଦିଆଯିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ତରଡପଡା ମୌଜାରେ ଥିବା ସରକାରୀ ପୋଖରୀ ଓ ଖାତା ନଂ ୪୪୩, ପ୍ଲଟ ନଂ ୯୭୮ ୩.୨୫ ଏକରର ଏକ ଗୋଚର ଜମିକୁ ବେତବଣ ଦର୍ଶାଯାଇ ନିଲାମ ଦିଆଯାଇଥିଲା। ଉକ୍ତ ଜମିକୁ ଗ୍ରାମବାସୀ ଖେଳପଡିଆ ଭାବେ ବ୍ୟବହାର କରୁଥିଲେ। ବୁଧବାର ସମିତିସଭ୍ୟ ଜ୍ଞାନପୂର୍ଣ୍ଣ ବେହେରା, ୱାର୍ଡସଭ୍ୟା ହରପ୍ରିୟା ବେହେରା, ଗ୍ରାମବାସୀ ପଞ୍ଚାୟତ ସମ୍ମୁଖରେ ଧାରଣା ଦେଇଥିଲେ। କଣ୍ଟାପଡା ଏବିଡିଓ ରୁବି ତପସ୍ୱିନୀ ଦାସ, ଜିପିଇଓ ଉଷାରାଣୀ ଜେନା ପହଞ୍ଚି ଏହି ନିଲାମକୁ ବାତିଲ ପାଇଁ ପ୍ରତିଶ୍ରୁତି ଦେବା ସହ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବଦଳି କରାଗଲା ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ମହିଳାଙ୍କଠାରୁ ସୁନାଚେନ ଲୁଟ୍

ଯାଁଳା, (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ପିତାପଲ୍ଲିଠାରେ ମଙ୍ଗଳବାର ଜଣେ ମହିଳାଙ୍କଠାରୁ ସୁନାଚେନ୍ ଓ ମଙ୍ଗଳସୂତ୍ର ଲୁଟ୍ ହୋଇଛି। ସୂଚନା ମୁତାବକ, ଯାଁଳା ବଜାରରେ ପ୍ରକାଶ ସାହୁଙ୍କ ପରିବା ଦୋକାନ ରହିଛି। ମଙ୍ଗଳବାର ଅପରାହ୍ନରେ ସେ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ବାଇକ୍‌ରେ ଓଳସିଙ୍ଗ ଗ୍ରାମକୁ ଯାଉଥିଲେ। ଦୁଇଜଣ ଲୁଟେରା ବାଇକ୍‌ରେ ଆସି ପିତାପଲ୍ଲି ନିକଟରେ ଜୟନ୍ତୀଙ୍କ ବେକରୁ ସୁନାଚେନ ଓ ମଙ୍ଗଳସୂତ୍ର ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏହାର ଆନୁମାନିକ ମୂଲ୍ୟ ୭୫ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।

# ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିପାରୁନି ଓଡ଼ିଶା

**ଓଡ଼ିଶା ଡେଭଲପ୍‌ମେଣ୍ଟ ରିପୋର୍ଟ-୨୦୨୦**

- ସ୍ୱାସ୍ଥ୍ୟ ମାନଦଣ୍ଡରେ ୧୯ତମ ସ୍ଥାନରେ ଓଡ଼ିଶା
- ବିକାଶ ମାନଦଣ୍ଡରେ ୨୫ ଜିଲାର ପ୍ରଦର୍ଶନ ଅଧାବାଟରେ
- ଆଦିବାସୀ ଜିଲାରେ ମହିଳା ଓ ଶିଶୁ ରକ୍ତହୀନତା ଚିନ୍ତାଜନକ
- ଗରିବ ହେଉଛନ୍ତି କୃଷକ, ୩ କୋଟି ଟପିବେ ବେକାରି

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଓଡ଼ିଶା ୨୮ ରାଜ୍ୟ ମଧ୍ୟରେ ୧୬ତମ ସ୍ଥାନରେ ରହିଛି। ଅପପୁଷ୍ଟି କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ସାମାନ୍ୟ ତଳେ ରହିଥିଲେ ମଧ୍ୟ ରାଜ୍ୟର ଆଦିବାସୀ ଅଞ୍ଚଳର ସ୍ଥିତି ଚିନ୍ତାଜନକ ରହିଛି। ମାଲକାନଗିରି ଜିଲାରେ ୫୧.୮ ପ୍ରତିଶତ ପିଲା କମ୍ ଓଜନର ହୋଇଥିବାବେଳେ ୪୫.୯ ପ୍ରତିଶତ ମହିଳାଙ୍କ ବଡି ମାସ୍ ଇଣ୍ଡେକ୍ସ(ବିଏମ୍‌ଆଇ) ରାଜ୍ୟ ହାରଠାରୁ ଅପେକ୍ଷାକୃତ କମ୍ ରହିଛି। ସେହିପରି ସୁନ୍ଦରଗଡ଼, ସୁବର୍ଣ୍ଣପୁର, ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ଗଜପତି, ନୂଆପଡ଼ା ଆଦି ଜିଲାରେ ୫ ବର୍ଷରୁ କମ୍ ବୟସର ଶିଶୁ ଓ ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ଅଧିକ ଦେଖିବାକୁ ମିଳିଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ଭିତ୍ତିଭୂମି ସହ କୁଶଳୀ ସ୍ୱାସ୍ଥ୍ୟକର୍ମୀ ଅଭାବ, ଜିଲା ବା ଉପଖଣ୍ଡ ସ୍ତରରେ ବିଶେଷଜ୍ଞ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଇଛି। ଓଡ଼ିଶା ବିକାଶ କନ୍‌କ୍ଲେଭ୍ ତୃତୀୟ ସଂସ୍କରଣର ଉଦ୍‌ଘାଟନ ଅବସରରେ ଉନ୍ମୋଚିତ ଓଡ଼ିଶା ଡେଭେଲପ୍‌ମେଣ୍ଟ ରିପୋର୍ଟ-୨୦୨୦ରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ଉକ୍ତ ରିପୋର୍ଟ ଅନୁସାରେ, ସ୍ୱାସ୍ଥ୍ୟ ମାନଦଣ୍ଡରେ ଓଡ଼ିଶା ୧୯ତମ ସ୍ଥାନରେ ରହିଛି। ୩୨% ପରିବାରର ବ୍ୟବହାର ଯୋଗ୍ୟ ପାଇଖାନ ନାହିଁ। ମାତ୍ର ୪୫.୪% ଗ୍ରାମ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ପରିଚୟ ପାଇଛି। ବେରୋଜଗାର ଏକ ପ୍ରମୁଖ ସମସ୍ୟାଭାବେ ଉଭାହୋଇଛି। ୨୦୨୧ ବେଳକୁ ଏହା ପ୍ରାୟ ୩ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ସ୍ଥାନୀୟ ଅର୍ଥନୀତି ସୁଦୃଢ଼ୀକରଣ ପାଇଁ ଗ୍ରାମୀଣ ଜୀବିକା ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଛି ଏହି ରିପୋର୍ଟ। ସେହିଭଳି ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ସାମଗ୍ରିକ ଶିକ୍ଷା ବିକାଶ ପାଇଁ ଅଧିକ ଯତ୍ନବାନ ହେବାକୁ ଉକ୍ତ ରିପୋର୍ଟରେ ମୁଖ୍ୟ ସମ୍ପାଦକ ପ୍ରଫେସର ଅମିତାଭ କୁଣ୍ଡୁ କହିଛନ୍ତି।

ଆର୍ଥିକ ଆବଣ୍ଟନ ନିମନ୍ତେ ଗଠିତ ବିତ୍ତୀୟ କମିଶନ ସଯୋଜନା କମିଶନଙ୍କ ସୁପାରିଶରେ ଓଡ଼ିଶା ବିଶେଷ ଲାଭବାନ ହୋଇପାରିନାହିଁ। କର୍ପୋରେଟ ପୁଞ୍ଜିନିବେଶ ମଧ୍ୟ ଆଶାଜନକ ନୁହେଁ। କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଝାରସୁଗୁଡ଼ାର ସ୍ଥିତି ଭଲ ଥିବାବେଳେ ୧୨ଟି ଜିଲାର ବିକାଶ ମାନଦଣ୍ଡରେ ପ୍ରଦର୍ଶନ ଅଧା ବାଟରେ ରହିଛି। ଆଦିବାସୀ ପ୍ରବଣ ଓ ଅପହଞ୍ଚ ଇଲାକା ଥିବା ୧୩ ଜିଲାର ସ୍ଥିତି ଖୁବ୍ ଚିନ୍ତାଶୀଳ। କୃଷକ ପରିବାର ଗରିବରୁ ଅତି ଗରିବ ହେଉଛନ୍ତି। ତେଣୁ କୃଷି ଭଳି ପ୍ରାଥମିକ ଜୀବିକାର ଉତ୍ପାଦନ ବୃଦ୍ଧି ସହ କୃଷି, ଉଦ୍ୟାନ କୃଷି ଭଳି ଉତ୍ପାଦଗୁଡ଼ିକର ବଜାରିକରଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ପଦ୍ମଶ୍ରୀ ପ୍ରଫେସର ରାଧାମୋହନ କହିଛନ୍ତି।

ଉନ୍ମୋଚନ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ଯୋଗଦେଇ ଆଦିବାସୀଙ୍କ ଜୀବିକା ବିକାଶ ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ତୃଣମୂଳ ସ୍ତରର ସମସ୍ୟା, ବିଭିନ୍ନ ବିକାଶ ନୀତି, ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ପ୍ରସ୍ତାବକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଏହି ରିପୋର୍ଟର ମୁଖ୍ୟ ଲକ୍ଷ୍ୟ ବୋଲି ଓଡ଼ିଶା ଡେଭଲପମେଣ୍ଟ ଇନିସିଏଟିଭିସ୍‌ର ଆବାହକ ତଥା ସିୱାଇଏସ୍‌ଡିର ମାର୍ଗଦର୍ଶକ ଜଗଦାନନ୍ଦ କହିଥିଲେ।

## ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଖୋର୍ଦ୍ଧା ଅଫିସ,୨୩।୧୨:

ଜଣେ ମହିଳାଙ୍କୁ ଜାତିଆଣ ଆକ୍ଷେପ ଏବଂ ମାଡ଼ ମାରିବା ମାମଲାର ବିଚାର କରି ବୁଧବାର ଖୋର୍ଦ୍ଧା ଦ୍ୱିତୀୟ ଅତିରିକ୍ତ ଜିଲା ଜଜ ଅମୀୟ ରଞ୍ଜନ ଜେନା ଅଭିଯୁକ୍ତ ସର୍ବେଶ୍ୱର ସାମନ୍ତରାୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୧ ଡିସେମ୍ବର ୮ରେ ବ୍ରହ୍ମପଡ଼ାପାଟଣା ଗ୍ରାମର ପ୍ରାଣନାଥ ସେଠୀ କୌଣସି କାମ ଲାଗି ସର୍ବେଶ୍ୱରଙ୍କଠାରୁ ଟଙ୍କା ନେଇଥିଲେ। କାର୍ଯ୍ୟରେ ବିଳମ୍ବ ହେବାରୁ ସର୍ବେଶ୍ୱର ତାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। ଉକ୍ତ ସମୟରେ ପ୍ରାଣନାଥଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ତାଙ୍କୁ ସର୍ବେଶ୍ୱର ମାଡ଼ ମାରିଥିଲେ ବୋଲି ସେ ନିରାକାରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏସସି, ଏସଟି ଆକ୍ଟରେ ଏକ ମାମଲା ରୁଜୁ କରିଥିଲେ। ବୁଧବାର ଏହି ମାମାଲାର ଶୁଣାଣି କରି ଦ୍ୱିତୀୟ ଅତିରିକ୍ତ ଜିଲା ଜଜ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି।

**ସଂକ୍ଷେପରେ**

## କୂଅରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୨୩।୧୨: କୂଅରେ ପଡ଼ି ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଗଙ୍ଗପଡ଼ାର ମନମୋହନ ଦାଶ(୬୨)। ବାରିପଟେ ଥିବା କୂଅରୁ ପାଣି କାଢୁଥିବା ବେଳେ ଭାରସାମ୍ୟ ହରାଇ ମନମୋହନ କୂଅରେ ଖସି ପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜଟଣୀ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୫୨/୨୦) ରୁଜୁ ହୋଇଛି।

## ବୃତ୍ତି ପରୀକ୍ଷା ଦେଲେ ୧୬୭ ଛାତ୍ରୀଛାତ୍ର

ବେଗୁନିଆ,୨୩।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଆୟୋଜିତ ହୋଇଥିଲା। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଏହି ବ୍ଲକରେ ମୋଟ୍ ୧୭୪ଜଣ ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ମାତ୍ର ଅସୁସ୍ଥତା କାରଣରୁ ୭ ଜଣ ପରୀକ୍ଷାକେନ୍ଦ୍ରରେ ଅନୁପସ୍ଥିତ ରହିଥିଲେ। ଶିମୋର କୁଞ୍ଜବିହାରୀଦେବ ଉଚ୍ଚ ବିଦ୍ୟାଳୟରେ ୩୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେହିପରି ଡାଳତୋଳା ଉଚ୍ଚ ବିଦ୍ୟାଳୟରେ ୩୮, ବେଗୁନିଆ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟରେ ୪୮ ଏବଂ ଛତ୍ରପଡ଼ା ଉଚ୍ଚ ବିଦ୍ୟାଳୟରେ ୪୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବିଇଓ ବିଷ୍ଣୁ ପ୍ରସାଦ ମିଶ୍ର ଏବଂ ଏବିଇଓ ଦିଲୀପ ମହାପାତ୍ର ସମସ୍ତ ପରୀକ୍ଷାକେନ୍ଦ୍ର ପରିଦର୍ଶନ କରିଥିଲେ।

## ୩.୫ ଏକର ଧାନ କଳେଇ ଜଳିଗଲା

ଖୋର୍ଦ୍ଧା ଅଫିସ,୨୩।୧୨: ଜଟଣୀ ବ୍ଲକ ଅଧୀନ ମହୁଲ ଗ୍ରାମର ପ୍ରାଣନାଥ ମହାରଣାଙ୍କ ୩.୫ଏକର ଧାନ କଳେଇରେ ନିଆଁ ଲାଗି ବୁଧବାର ଭସ୍ମୀଭୂତ ହୋଇଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଧାର କରି ଧାନ ଫସଲ କରିଥିଲି। ମଣ୍ଡିକୁ ଧାନ ନେବା ପୂର୍ବରୁ ଜଳିଗଲା। ଘରେ ଆଉ ଧାନ ନ ଥିବା ପ୍ରାଣନାଥ କହିଛନ୍ତି।

## ଶିଶୁପୁତ୍ର ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ ମହିଳା

ବାଲୁଗାଁ,୨୩।୧୨(ଡି.ଏନ୍.ଏ): ଘରେ ପଶି ୩ବର୍ଷର ଶିଶୁପୁତ୍ର ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ବୁଧବାର ଜଣେ ମହିଳା ଧରାପଡ଼ିଛନ୍ତି। ବାଲୁଗାଁ ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ପରେ ମହିଳା ଜଣକ ବାଲୁଗାଁ ଅଞ୍ଚଳର ବୋଲି ଜଣାପଡ଼ିଥିଲା। ପରିବାରଲୋକେ ପହଞ୍ଚି ଭୁବନେଶ୍ୱରସ୍ଥିତ ଡାକ୍ତରଖାନାରେ ମହିଳାଜଣକ ମାନସିକ ଚିକିତ୍ସା ହେଉଥିବା କହିବା ପରେ ପୋଲିସ ତଦନ୍ତ କରି ଛାଡ଼ିଦେଇଥିଲେ। ସ୍ଥାନୀୟ କଲ୍ୟାଣମଣ୍ଡପ ଛକରେ ରହୁଥିବା ଦୀପକ ପରିଡ଼ା ସପରିବାର ସହ ରୁହନ୍ତି। ବୁଧବାର ଭୋର ସାଢ଼େ ୪ରେ କବାଟ ଖୋଲାଥିବା ବେଳେ ଜଣେ ମହିଳା ୩ବର୍ଷର ଶିଶୁପୁତ୍ରକୁ ଉଠାଇ ଚୋରି କରି ନେବା ପାଇଁ ଉଦ୍ୟମ କରୁଥିଲେ। ଏହି ଦମୟରେ ଶିଶୁପୁତ୍ରଙ୍କ ଜେଜେମା କବାଟ ବନ୍ଦ କରିବା ସହ ପାଟି କରିଥିଲେ। ପାଟି ଶୁଣି ପୁଅବୋହୂ ଉଠିପଡ଼ି ମହିଳାଙ୍କଠାରୁ ଶିଶୁପୁତ୍ରକୁ ଉଦ୍ଧାର କରିବା ସହ ମହିଳାଙ୍କୁ ପୋଲିସ ଜିମା ଦେଇଥିଲେ।



ପରୀକୁ ନ୍ୟାୟ ଦାବିରେ ଭୁବନେଶ୍ୱରରୁ ନୟାଗଡ ଅଭିମୁଖେ ଯାଉଥିବା ଭାଜପାର ପଦଯାତ୍ରା ବୁଧବାର ଇଟାମାଟିରେ ପହଞ୍ଚିଛି ।

# ଜେଲରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

ଠକେଇ ମାମଲାରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଥିବା ହୋଟେଲ ସୋଲାନ ଇନ୍ ମାଲିକ କମଳାକାନ୍ତ ଦାସଙ୍କ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ଚାଲିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଶାର୍ଟରେ ବାନ୍ତି ଲାଗିଥିବାବେଳେ ସେ ପ୍ୟାଣ୍ଟରେ ପରିସ୍ରା କରିଦେଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଥିବାବେଳେ ଲକ୍ଷ୍ମୀସାଗର ପୋଲିସ ମୃତ୍ୟୁର କାରଣକୁ ନେଇ ତଦନ୍ତ ଆରମ୍ଭ କରିଛି।

କିଛିଦିନ ତଳେ ବାର୍ ଲିଜ୍ ଦେବାକୁ ନେଇ ୧୦ ଲକ୍ଷ ଟଙ୍କା ଠକେଇ ମାମଲାରେ ଖାରବେଳନଗର ଥାନା ପୋଲିସ କମଳାକାନ୍ତଙ୍କୁ ଗିରଫ କରିଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ଝରାପଡା ଜେଲକୁ ପଠାଇ ଦିଆଯାଇଥିଲା। ସେ ଜେଲରେ ବିଚାରଧିନ କଏଦୀ ଭାବେ ଥିବାବେଳେ ବୁଧବାର ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ମୁଣ୍ଡ ବୁଲାଇବା ସହ ପେଟ ଫୁଲି ଯାଇଥିଲା। ପ୍ରଥମେ ତାଙ୍କୁ ଜେଲ୍ ହସପିଟାଲରେ ଚିକିତ୍ସା କରାଯାଇଥିଲ। ମୃତ୍ୟୁ ଖବର ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ହାଜତ ମୃତ୍ୟୁ ହୋଇଥିବାରୁ ପୋଲିସ ଏନ୍‌ଏଚ୍‌ଆର୍‌ସିଙ୍କ ଗାଇଡ୍‌ଲାଇନ ଅନୁସାରେ ବ୍ୟବଚ୍ଛେଦ କରାଯିବ। ତଦନ୍ତ ମଧ୍ୟ ସେହି ଅନୁସାରେ କରାଯିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ପୂର୍ବରୁ କମଳାକାନ୍ତ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଲିଙ୍କ୍‌ରେ ଜେରାର ସମ୍ମୁଖୀନ ହୋଇଥିଲେ। ପୋଲିସ ଓ ସିବିଆଇ ତାଙ୍କୁ ଏକାଧିକଥର ଜେରା କରିବା ପରେ ଗିରଫ କରି ଜେଲ ପଠାଇଥିଲେ। ସେ ଜେଲରୁ ଜାମିନରେ ବାହାରିବା ପରେ ପୁଣି ଠକେଇ ମାମଲାରେ ଜେଲ ଯାଇଥିଲେ।

## ଖୋର୍ଦ୍ଧା ଉପଖଣ୍ଡରେ ୧.୩୫ କୋଟି ଜରିମାନା ଆଦାୟ

ଖୋର୍ଦ୍ଧା ଅଫିସ,୨୩।୧୨

ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବା ଲାଗି ଜିଲା ପ୍ରଶସାନ ପକ୍ଷରୁ ଗତ ଦୁଇ ମାସ ହେବ ଚଢ଼ାଉ ଜାରି ରହିଛି। ଖୋର୍ଦ୍ଧା ଉପଖଣ୍ଡରେ ବେଆଇନ ଭାବେ ଚାଲାଣ ହେଉଥିବା ବାଲି, ମୋରମ, ପଥର ଗାଡି ଠାରୁ ବର୍ତ୍ତମାନ ସୁଦ୍ଧା ୧,୩୫,୩୪,୧୬୨ ଟଙ୍କା ଜରିମାନା ଆଦାୟ କରାଯାଇଥିବା ନେଇ ଉପଜିଲାପାଳ ଅଶୋକ ବେହେରିଆ ଟୁଇଟ କରି ଜଣାଇଛନ୍ତି। ତନ୍ମଧ୍ୟରୁ ବୋଲଗଡ଼ ତହସିଲ ପକ୍ଷରୁ ୫,୩୫,୨୯୨, ଚିଲିକାରୁ ୫୭୨୫୮୦, ବାଣପୁରରୁ୧୧,୮୯,୫୦୦, ବେଗୁନିଆରୁ ୩୦,୭୨,୦୦୦, ଟାଙ୍ଗୀରୁ୩୩,୮୬,୨୯୦ ଏବଂ ଖୋର୍ଦ୍ଧାରୁ ୪୭,୭୮,୫୦୦ ଟଙ୍କା ଆଦାୟ କରାଯାଇଛି।

## ସପ୍ତାହେ ବିଳମ୍ବରେ ଖୋଲିଲା ଧାନମଣ୍ଡି

ଖୋର୍ଦ୍ଧା ଅଫିସ,୨୩।୧୨:

ଖୋର୍ଦ୍ଧା ଜିଲାରେ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଧାନମଣ୍ଡି ଖୋଲିବା ନେଇ ନଭେମ୍ବର ୧୮ରେ ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ସ୍ଥିର ହୋଇଥିଲା। ସପ୍ତାହ ବିଳମ୍ବରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୧୧ଟି ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଛି। ଟାଙ୍ଗୀ, ବୋଲଗଡ, ଖୋର୍ଦ୍ଧା, ବାଲିପାଟଣା ଓ ବାଲିଅନ୍ତା ଅଞ୍ଚଳରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଟାଙ୍ଗୀ ବ୍ଲକ ବଡ଼ପୋଖରୀଆ ସେବା ସମବାୟ ସମିତିରେ ଧାନମଣ୍ଡିକୁ ଜିଲାପାଳ ସନତ ମହାନ୍ତି ଏବଂ ଗୋଲବାଇଠାରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିବା ସହ ଚାଷୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଉମାଶଙ୍କର ଦାଶ, ସୁବାସ ଚନ୍ଦ୍ର ମିଶ୍ର, ଅନାଥ ଚନ୍ଦ୍ର ସ୍ୱାଇଁ, ସାଗର ବଳିୟାରସିଂହ, ହେମେନ୍ଦ୍ର ନାରାୟଣ ମହାନ୍ତି, ଅଶ୍ୱନୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ଉତ୍ସାହିତ କରିଥିଲେ। ବଡପୋଖରିଆ ସମବାୟ ସମିତରେ ପ୍ରଥମ ଦିନରେ ୬୭ କୁଇଣ୍ଟାଲ ୨୩କେଜି ଧାନ କିଣାଯାଇଥିବା ନେଇ ସମ୍ପାଦକ ଦୁଷ୍ମନ୍ତ ମହାପାତ୍ର କହିଛନ୍ତି। ଯୋଗାଣ ଅଧିକାରୀ ସ୍ୱାଇଁ କହିଛନ୍ତି, ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ଜିଲାରେ ୪୪,୬୪୯ ଜଣ ଚାଷୀ ଚଳିତବର୍ଷ ଧାନ ବିକ୍ରୟ ଲାଗି ନାମ ପଞ୍ଜୀକରଣ କରିଛନ୍ତି। ଜିଲାରେ ୧୩୯ ପାକ୍ସ ଏବଂ ୧୪ଟି ଅତିରିକ୍ତ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଚଳିତ ଖରିଫ ଋତୁରେ ୯ଲକ୍ଷ ୫୮ହଜାର୯୧୩ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ସ୍ଥିର ହୋଇଛି। ସରକାର ସାଧାରଣ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ସ୍ଥିର କରିଛନ୍ତି। ଗ୍ରେଡ ଏ ମାନର ମୂଲ୍ୟ କୁଇଣ୍ଟାଲ ପିଛା ୧୮୮୮ଟଙ୍କା ରଖିଛନ୍ତି। ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରି କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି।

## ଛତୁଆ ମିଶ୍ରଣ ଦିବସ

କୃଷ୍ଣପ୍ରସାଦ,୨୩।୧୨(ଡି.ଏନ୍.ଏ.)

ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ମା' ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ, ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ମହିଳାମାନେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତ୍ୱ ରକ୍ଷା କରି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ କର୍ମକର୍ତ୍ତାମାନେ ଭଜା ଗହମ, ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡାସ୍ଥିତ ମା' ପାଦୁକାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ଛତୁଆ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରି ପ୍ରମୁଖଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

## ସରପଞ୍ଚ ସଞ୍ଜୟ, ସମିତିସଭ୍ୟରେ ମଞ୍ଜୁଲତା ବିଜୟୀ

ଖୋର୍ଦ୍ଧା ଅଫିସ,୨୩।୧୨



ସଞ୍ଜୟ କୁମାର ରତସିଂ ।



ମଞ୍ଜୁଲତା ବରାଡ ।

ଖୋର୍ଦ୍ଧା ଜିଲାର ୩ ବ୍ଲକର ୫ ପଞ୍ଚାୟତରେ ଖାଲିପଡ଼ିଥିବା ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡମେମ୍ବର ଉପନିର୍ବାଚନ ଲାଗି ମଙ୍ଗଳବାର ମତଦାନ ହୋଇଥିଲା। ବୁଧବାର ଖୋର୍ଦ୍ଧା, ବୋଲଗଡ ଏବଂ ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି ହୋଇଥିଲା। ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତରେ ମୋଟ ୨୮୯୩ ଭୋଟରଙ୍କ ମଧ୍ୟରୁ ୨୨୦୮ଜଣ ମତଦାନ ସାବ୍ୟସ୍ତ କରିଥିଲେ। ଶୈଳଜା ପଟ୍ଟନାୟକ ୯୧୬ ଖଣ୍ଡ ଭୋଟ ପାଇଥିବା ବେଳେ ସଞ୍ଜୟ କୁମାର ରତସିଂ ୧୧୭୬ ଭୋଟ ପାଇ ୩୬୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବୋଲଗଡ଼ ବ୍ଲକ ଅସରଳା ପଞ୍ଚାୟତ ସମିତିସଭ୍ୟ ପଦବୀ ଲାଗି ମୋଟ୍ ୨୭୬୭ ଭୋଟରଙ୍କ ମଧ୍ୟରୁ ୨୧୮୯ଜଣ ମତଦାନ ସାବ୍ୟସ୍ତ କରିଥିଲେ। ସ୍ୱର୍ଣ୍ଣଲତା ମିଶ୍ର ୭ ଖଣ୍ଡ, ନିରୁପମା ପାଣ୍ଡେ ୯୬୩ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମଞ୍ଜୁଲତା ବରାଡ଼ ୧୦୪୭ଖଣ୍ଡ ଭୋଟ ପାଇ ୮୪ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୱାର୍ଡମେମ୍ବର ପଦବୀରେ ଦୀପକ ମାଝି ୭୦ଖଣ୍ଡ ଭୋଟ ପାଇଥିବା ବେଳେ ଗୋପୀନାଥ ଡାଲୁଆ ୧୧୦ଖଣ୍ଡ ଭୋଟ ପାଇ ୪୦ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ଟାଙ୍ଗୀ ବ୍ଲକ ଓଳସିଂ ପଞ୍ଚାୟତର ୱାର୍ଡ ନଂ. ୧୦ରେ ସନ୍ତୋଷ କୁମାର ବେହେରା ୪୦ଖଣ୍ଡ ଭୋଟ ପାଇଥିବା ବେଳେ ସୁଶାନ୍ତ କୁମାର ସାହୁ ୧୪୧ ଭୋଟ ପାଇ ୧୦୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଗୁରୁବାର ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ରଜନୀକାନ୍ତ ସାହୁ କହିଛନ୍ତି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଭାଜପାର ବିକ୍ଷୋଭ

**ଦକ୍ଷେଶ୍ୱର ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା**

ଖୋର୍ଦ୍ଧା ଅଫିସ/ବାଣପୁର, ୨୩।୧୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ଦକ୍ଷେଶ୍ୱର ମନ୍ଦିରରୁ ଦୁର୍ବୃତ୍ତମାନେ ୨୨ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି କରି ନେଇଯାଇଛନ୍ତି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିରରୁ ବହୁ ମୂଲ୍ୟବାନ ମୂର୍ତ୍ତି ବାରମ୍ବାର ଚୋରି ହେଉଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି ବୋଲି ଚିଲିକା-ବାଣପୁର ନଗର ମଣ୍ଡଳ ଭାଜପା ବିରୋଧ କରିଛି। ଅଭିଯୁକ୍ତଙ୍କ ଗିରଫ ଏବଂ ମୂର୍ତ୍ତି ପୁନରୁଦ୍ଧାର ଦାବିରେ ବୁଧବାର ଦକ୍ଷେଶ୍ୱର ମନ୍ଦିର ସମ୍ମୁଖରେ ଭାଜପା ବିକ୍ଷୋଭ କରିବା ସହ ଏହି ପ୍ରାଚୀନ କୀର୍ତ୍ତିରାଜି ସୁରକ୍ଷା ଦିଗରେ ସରକାରଙ୍କ ଅବହେଳାକୁ ଦାୟୀ କରିଥିଲେ। ମଣ୍ଡଳ ସଭାପତି ଭଗବାନ ପ୍ରଧାନଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ବିଦ୍ୟୁତ୍ କାଣ୍ଡି, ଚିରଞ୍ଜୀବୀ ପରିଡ଼ା, ରବି ବେହେରା, ଝରିଆ ପ୍ରଧାନ, ଦିଲୀପ ପାତ୍ର, ସୁରେଶ ଚନ୍ଦ୍ର ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଏହି ମନ୍ଦିରରେ ବହୁ ମୂଲ୍ୟବାନ ମୂର୍ତ୍ତି ରହିଛି। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ କୋଟି କୋଟି ଟଙ୍କା ହେବ। ସରକାର ଶ୍ରୀମନ୍ଦିର, ଶ୍ରୀ ଲିଙ୍ଗରାଜ, ସମଲାଇ ମନ୍ଦିର ବିକାଶ ପରି ଦକ୍ଷେଶ୍ୱର ମନ୍ଦିର ପୁନରୁଦ୍ଧାର ଲାଗି ଭାଜପା ଦାବି କରିଛି। ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ, ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ନବନିଯୁକ୍ତ ୮୦ ଅଧ୍ୟାପକଙ୍କୁ ମିଳିଲା ନିଯୁକ୍ତିପତ୍ର

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ୮୦ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବୁଧବାର କୃଷି ଭବନରେ ଅନୁଷ୍ଠିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଇତିହାସ ବିଭାଗର ୭୪ଜଣ, ଓଡ଼ିଆ ବିଭାଗର ୫ ଓ ରାଜନୀତି ବିଜ୍ଞାନର ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ବିଦ୍ୟାର୍ଥୀଙ୍କୁ ଗଢ଼ିବା ଦିଗରେ ଅଧ୍ୟାପକମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ। ଶିକ୍ଷକମାନେ ଛାତ୍ର ଗଢ଼ିବା ସହିତ ଦେଶ ଗଢ଼ିଥାଆନ୍ତି। ସେମାନେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହିତ ନିରନ୍ତର ସମ୍ପର୍କ ରକ୍ଷା କରି ଭଲ ବିଦ୍ୟାର୍ଥୀ ତିଆରି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ପାଠ ପଢ଼ାକୁ ଆକର୍ଷଣୀୟ କରିପାରିଲେ ବିଦ୍ୟାର୍ଥୀମାନେ ଅଧିକ ମାତ୍ରାରେ ଉତ୍ସାହିତ ହେବେ। ଉଚ୍ଚଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିଭାଗ ବହୁ ସଂସ୍କାରମୂଳକ ପଦକ୍ଷେପ ନେଇଥିବାବେଳେ ଏହାର ଠିକ୍ ରୂପାୟନ କରି ଛାତ୍ରୀଛାତ୍ରଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବା ଦିଗରେ ଅଧ୍ୟାପିକାଅଧ୍ୟାପକମାନେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। କାର୍ଯ୍ୟକ୍ରମକୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ।



ନବନିଯୁକ୍ତ ଅଧ୍ୟାପକଙ୍କୁ ମନ୍ତ୍ରୀ ଅରୁଣ କୁମାର ସାହୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

# ଟିକାକରଣ ଲାଗି ଗଠନ ହେବ ଟିମ୍

- ଜିଲା ଟାସ୍କଫୋର୍ସ କମିଟି ବୈଠକ
- ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରାଥମିକତା

ଖୋର୍ଦ୍ଧା ଅଫିସ,୨୩।୧୨

କୋଭିଡ୍-୧୯ ଟିକାକରଣ ଲାଗି ଜିଲାସ୍ତରୀୟ ଟାସ୍କ ଫୋର୍ସ କମିଟିର ପାରମ୍ଭିକ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। କୋଭିଡ୍ ଟିକାକରଣ ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱତନ୍ତ୍ର ଅତିରିକ୍ତ ଜିଲାପାଳ(କୋଭିଡ୍ ପରିଚାଳନା) ବିଶାଳ ସିଂ ଟିକା ଦିଆଯିବା ସ୍ଥାନ, ନିୟୋଜିତଙ୍କ ତାଲିକା ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେଇଥିଲେ। ୨୦୨୧ରେ ପ୍ରଥମ ପର୍ଯ୍ୟାୟରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରାଥମିକତା ଦିଆଯିବ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରେ ଟିକାଦାନ କେନ୍ଦ୍ର କରାଯିବା ନେଇ ଯୋଜନା ରହିଛି ବୋଲି ସିଡିଏମଓ ବିଶ୍ୱରଞ୍ଜନ ପତି କହିଛନ୍ତି।

ଟିକାକରଣ କାର୍ଯ୍ୟ ସୁପରିଚାଳନା ଲାଗି ଟିମ୍ ଗଠନ କରାଯିବ। ୫ଜଣ ସଦସ୍ୟଙ୍କୁ ନେଇ ଗୋଟିଏ ଟିମ୍ ଗଠିତ ହେବ। ଟିକାକରଣ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା କର୍ମୀ ଜିଲାଠାରୁ ବ୍ଲକ ସ୍ତରରେ ଟାସ୍କ ଫୋର୍ସ ଗଠନ କରାଯାଇ ସେମାନଙ୍କୁ ତାଲିମ ଦିଆଯିବ। କୋଭିଡ୍ ଟିକା ରଖିବା ଲାଗି କୋଲ୍ଡ ଚେନ ଏବଂ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୀବନ୍ତ ଆଚାର୍ଯ୍ୟ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ(ଭୁବନେଶ୍ୱର) ପ୍ରଫୁଲ୍ଲ କୁମାର ସ୍ୱାଇଁ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ସ୍ୱାସ୍ଥ୍ୟଅଧିକାରୀ ଡା.ବଳରାମ ବାଗ, ଡିପିଏମ ଗୀତାଞ୍ଜଳି ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ସନତ ମହାନ୍ତି ଓ ଅନ୍ୟମାନେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଡିସେମ୍ବର, ୨୦୨୦

### ୬ ଦଫା ଦାବି ନେଇ ଦଳିତ ମହାସଂଘର ପଦଯାତ୍ରା

ସାକ୍ଷୀଗୋପାଳ, (ଡି.ଏନ୍.ଏ./ସ୍ୱ.ପ୍ର): ସତ୍ୟବାଦୀ, କଣାସ, ପୁରୀ ସଦର ଥାନାରେ ଅନୁସୂଚିତ ଜାତିର ଲୋକଙ୍କୁ ଆକ୍ରମଣ, ଘରପୋଡ଼ି, ହତ୍ୟା ଓ ବଳାତ୍କାର ଘଟଣାରେ ପୋଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏଥିରେ ଅସନ୍ତୁଷ୍ଟ ହୋଇ ଦଳିତ ମହାସଂଘର ୨ଶହ ସଦସ୍ୟ ବୁଧବାର ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ପୁରୀ ଅଭିମୁଖେ ପଦଯାତ୍ରାରେ ଯାଇଛନ୍ତି। ସନ୍ଧ୍ୟାରେ ମହାସଂଘର ପୁରୀ ଜିଲା ସଭାପତି ଜୟଦେବ ବେହେରାଙ୍କ ନେତୃତ୍ୱରେ ଡିଜିପିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସଭାପତି ଲିଟୁ ଦାସ, କାର୍ଯ୍ୟକାରୀ ସଭାପତି ପିତବାସ ନାୟକ, ସମ୍ପାଦିକା ଟିକିନା ପରିଡା, ମିନତୀ ବେହେରା ପ୍ରମୁଖ ସାମିଲ ଥିଲେ।



## ସଂକ୍ଷେପରେ

### ସମିତିସଭ୍ୟରେ ଅନ୍ତର୍ଯାମୀ ବିଜୟୀ

କଣାସ,୨୩।୧୨(ଡି.ଏନ୍.ଏ./ସ୍ୱ.ପ୍ର.): ଖଣ୍ଡହତା ପଞ୍ଚାୟତ ସମିତି ସଭ୍ୟ ପାଇଁ ହୋଇଥିବା ଉପନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ଅନ୍ତର୍ଯାମୀ ଜେନା ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ସମର୍ଥିତ ପ୍ରାର୍ଥୀ ପ୍ରଭାତି ସାହୁଙ୍କୁ ୨୯୦ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସମୁଦାୟ ୩୭୮୪ ଭୋଟରଙ୍କ ମଧ୍ୟରୁ ୨୬୪୭ ଜଣ ଭୋଟର ମତଦାନ କରିଥିଲେ। ସେଥିରୁ ଅନ୍ତର୍ଯାମୀ ୧୪୫୦ ଖଣ୍ଡ ଭୋଟପାଇଥିବା ବେଳେ ପ୍ରଭାତି ୧୧୬୦ ଖଣ୍ଡ ଭୋଟ ପାଇଥିଲେ। ୩୭ ଖଣ୍ଡ ଭୋଟ ନାକଚ ହେଇଥିଲା। ନିର୍ବାଚନ ଅଧିକାରୀ ବିଡିଓ ଲୋଚନ ଦାଶ ଫଳାଫଳ ଘୋଷଣା କରିଥିଲେ। ବୁଧବାର ସକାଳ ୮ଟାରୁ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି ଆରମ୍ଭ ହେଇ ସାଢ଼େ ୧୦ଟା ସୁଦ୍ଧା ଫଳାଫଳ ପ୍ରକାଶ ପାଇଥିଲା। ତହସିଲଦାର ଲକ୍ଷ୍ମୀଧର ମହାରଣା, ଏବିଡିଓ ମଙ୍ଗଲ ସିଂ ହେମ୍ବ୍ରମ ପ୍ରମୁଖ ଭୋଟ ଗଣତି କାର୍ଯ୍ୟ ପରିଚାଳନା କରିଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିପାରୁନି ଓଡ଼ିଶା

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

**ଓଡ଼ିଶା ଡେଭଲପ୍‌ମେଣ୍ଟ ରିପୋର୍ଟ-୨୦୨୦**

- **ସ୍ୱାସ୍ଥ୍ୟ ମାନଦଣ୍ଡରେ ୧୯ତମ ସ୍ଥାନରେ ଓଡ଼ିଶା**
- **ବିକାଶ ମାନଦଣ୍ଡରେ ୨୫ ଜିଲାର ପ୍ରଦର୍ଶନ ଅଧାବାଟରେ**
- **ଆଦିବାସୀ ଜିଲାରେ ମହିଳା ଓ ଶିଶୁ ରକ୍ତହୀନତା ଚିନ୍ତାଜନକ**
- **ଗରିବ ହେଉଛନ୍ତି କୃଷକ, ୩ କୋଟି ଟପିବେ ବେକାରୀ**

ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଓଡିଶା ୨୮ ରାଜ୍ୟ ମଧ୍ୟରେ ୧୬ତମ ସ୍ଥାନରେ ରହିଛି। ଅପପୁଷ୍ଟି କ୍ଷେତ୍ରରେ ଓଡିଶା ଜାତୀୟ ହାରଠାରୁ ସାମାନ୍ୟ ତଳେ ରହିଥିଲେ ମଧ୍ୟ ରାଜ୍ୟର ଆଦିବାସୀ ଅଞ୍ଚଳର ସ୍ଥିତି ଚିନ୍ତାଜନକ ରହିଛି। ମାଲକାନଗିରି ଜିଲାରେ ୫୧.୮ ପ୍ରତିଶତ ପିଲା କମ୍ ଓଜନର ହୋଇଥିବାବେଳେ ୪୫.୯ ପ୍ରତିଶତ ମହିଳାଙ୍କ ବଡି ମାସ୍କ ଇଣ୍ଡେକ୍ସ(ବିଏମ୍ଆଇ) ରାଜ୍ୟ ହାରଠାରୁ ଅପେକ୍ଷାକୃତ କମ୍ ରହିଛି। ସେହିପରି ସୁନ୍ଦରଗଡ, ସୁବର୍ଣ୍ଣପୁର, ମାଲାକନଗିରି, ନବରଙ୍ଗପୁର, କୋରାପୁଟ, ବରଗଡ, ବଲାଙ୍ଗୀର, କଳାହାଣ୍ଡି, ଗଜପତି, ନୂଆପଡା ଆଦି ଜିଲାରେ ୫ ବର୍ଷରୁ କମ୍ ବୟସର ଶିଶୁ ଓ ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ଅଧିକ ଦେଖିବାକୁ ମିଳିଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ଭିତ୍ତିଭୂମି ସହ କୁଶଳୀ ସ୍ୱାସ୍ଥ୍ୟକର୍ମୀ ଅଭାବ, ଜିଲା ବା ଉପଖଣ୍ଡ ସ୍ତରରେ ବିଶେଷଜ୍ଞ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଇଛି। ଓଡିଶା ବିକାଶ କନ୍‌କ୍ଲେଭ୍ ତୃତୀୟ ସଂସ୍କରଣର ଉଦ୍‌ଘାଟନ ଅବସରରେ ଉନ୍ମୋଚିତ ଓଡିଶା ଡେଭେଲପ୍‌ମେଣ୍ଟ ରିପୋର୍ଟ-୨୦୨୦ରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ଉକ୍ତ ରିପୋର୍ଟ ଅନୁସାରେ, ସ୍ୱାସ୍ଥ୍ୟ ମାନଦଣ୍ଡରେ ଓଡିଶା ୧୯ତମ ସ୍ଥାନରେ ରହିଛି। ୩୨% ପରିବାରର ବ୍ୟବହାର ଯୋଗ୍ୟ ପାଇଖାନ ନାହିଁ। ମାତ୍ର ୪୫.୪% ଗ୍ରାମ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ପରିଚୟ ପାଇଛି। ବେରୋଜଗାର ଏକ ପ୍ରମୁଖ ସମସ୍ୟାଭାବେ ଉଭାହୋଇଛି। ୨୦୨୧ ବେଳକୁ ଏହା ପ୍ରାୟ ୩ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ସ୍ଥାନୀୟ ଅର୍ଥନୀତି ସୁଦୃଢ଼ୀକରଣ ପାଇଁ ଗ୍ରାମୀଣ ଜୀବିକା ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଛି ଏହି ରିପୋର୍ଟ। ସେହିଭଳି ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ସାମଗ୍ରିକ ଶିକ୍ଷା ବିକାଶ ପାଇଁ ଅଧିକ ଯତ୍ନବାନ ହେବାକୁ ଉକ୍ତ ରିପୋର୍ଟର ମୁଖ୍ୟ ସମ୍ପାଦକ ପ୍ରଫେସର ଅମିତାଭ କୁଣ୍ଡୁ କହିଛନ୍ତି।

ଆର୍ଥିକ ଆବଣ୍ଟନ ନିମନ୍ତେ ଗଠିତ ବିତ୍ତୀୟ କମିଶନ ସଯୋଜନା କମିଶନଙ୍କ ସୁପାରିଶରେ ଓଡିଶା ବିଶେଷ ଲାଭବାନ ହୋଇପାରିନାହିଁ। କର୍ପୋରେଟ ପୁଞ୍ଜିନିବେଶ ମଧ୍ୟ ଆଶାଜନକ ନୁହେଁ। କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଝାରସୁଗୁଡାର ସ୍ଥିତି ଭଲ ଥିବାବେଳେ ୧୨ଟି ଜିଲାର ବିକାଶ ମାନଦଣ୍ଡରେ ପ୍ରଦର୍ଶନ ଅଧା ବାଟରେ ରହିଛି। ଆଦିବାସୀ ପ୍ରବଣ ଓ ଅପହଞ୍ଚ ଇଲାକା ଥିବା ୧୩ ଜିଲାର ସ୍ଥିତି ଖୁବ୍ ଚିନ୍ତାଶୀଳ। କୃଷକ ପରିବାର ଗରିବରୁ ଅତି ଗରିବ ହେଉଛନ୍ତି। ତେଣୁ କୃଷି ଭଳି ପ୍ରାଥମିକ ଜୀବିକାର ଉତ୍ପାଦନ ବୃଦ୍ଧି ସହ କୃଷି, ଉଦ୍ୟାନ କୃଷି ଭଳି ଉତ୍ପାଦଗୁଡିକର ବଜାରିକରଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ପଦ୍ମଶ୍ରୀ ପ୍ରଫେସର ରାଧାମୋହନ କହିଛନ୍ତି।

ଉନ୍ମୋଚନ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ଯୋଗଦେଇ ଆଦିବାସୀଙ୍କ ଜୀବିକା ବିକାଶ ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ତୃଣମୂଳ ସ୍ତରର ସମସ୍ୟା, ବିଭିନ୍ନ ବିକାଶ ନୀତି, ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ପ୍ରସ୍ତାବକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଏହି ରିପୋର୍ଟର ମୁଖ୍ୟ ଲକ୍ଷ୍ୟ ବୋଲି ଓଡିଶା ଡେଭଲପମେଣ୍ଟ ଇନିସିଏଟିଭିସ୍‌ର ଆବାହକ ତଥା ସିଓ୍ୱାଇଏସ୍‌ଡିର ମାର୍ଗଦର୍ଶକ ଜଗଦାନନ୍ଦ କହିଥିଲେ।

### ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠଙ୍କ ପରଲୋକ

କୋଣାର୍କ,୨୩।୧୨(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନସ୍ଥ ମହଲପଡ଼ା ପଞ୍ଚାୟତ ଅନ୍ତର୍ଗତ ଆମ୍ବିଳିଗାଁ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ପଣ୍ଡାଙ୍କ ୮୭ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ବୟସାଧିକ କାରଣରୁ ତାଙ୍କର ମୃତ୍ୟୁ ହୋଇଛି। ସର୍ଗତ ପଣ୍ଡା ସ୍ୱାଧୀନତା ସଂଗ୍ରାମ ସମୟରେ ନିଜ ଅଞ୍ଚଳ ପାଇଁ ସଂଗ୍ରାମ ଜାରି ରଖିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଦୟାଳୁ ସ୍ୱଭାବର ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ସେ ଆମ୍ବିଳିଗାଁର ପ୍ରାଚୀନ ଧାର୍ମିକ ପୀଠ ପଞ୍ଚୁପାଣ୍ଡବଙ୍କ ମୁଖ୍ୟ ପୂଜକ ଦାୟିତ୍ୱ ନିର୍ବାହ କରିବା ସହ ନିଜ ଗ୍ରାମରେ ଭାଗବତ ଟୁଙ୍ଗୀ ର ମୁଖ୍ୟ ତତ୍ତ୍ୱାବଧାରକ ଭାବେ ଦାୟିତ୍ୱ ନିର୍ବାହ କରି ସ୍ଥାନୀୟ ଅଞ୍ଚଳରେ ନିଜର ସତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ପରେ ଶବଧାରାକୁ ଗ୍ରାମ ପରିକ୍ରମା କରି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ତ୍ରିଲୋଚନ ପଣ୍ଡା ମୁଖାଗ୍ନି ଦେଇଥିଲେ।

### ସ୍କୁଲ ପାଚେରି କାର୍ଯ୍ୟ ନିମ୍ନମାନର, କାମ ବନ୍ଦ କଲେ ଗ୍ରାମବାସୀ

ଗୋପ,୨୩।୧୨(ଡି.ଏନ୍.ଏ.): ଗୋପ ବ୍ଲକ ଅଞ୍ଚଳର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପାଚେରି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଗ୍ରାମବାସୀ ବୁଧବାର ଚାଲୁଥିବା କାମକୁ ବନ୍ଦ କରିଦେଇଛନ୍ତି। ରାହାଙ୍ଗୋରଡା ପଞ୍ଚାୟତସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟଟି ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ିଥିଲା। ସେହି ସ୍ଥାନଟି ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା। ଅଭିଯୋଗ ପରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍କୁଲ ପାଚେରି କାର୍ଯ୍ୟ ଲାଗି ଅର୍ଥ ମଞ୍ଜୁର କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକୁ ଟେଣ୍ଡର ଦିଆଯାଇ ସମ୍ପୃକ୍ତ ଠିକାଦାର କାର୍ଯ୍ୟ କରିଥିଲେ। କିନ୍ତୁ ଆରମ୍ଭରୁ ନିମ୍ନମାନର ସିମେଣ୍ଟ, ଇଟା, ବାଲିରେ କାମ ହେଉଥିବାର ସ୍ଥାନୀୟ ଲୋକେ ଜାଣିବା ପରେ ବିରୋଧ କରିଥିଲେ। ଏ ନେଇ ଲୋକେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଓ ବିଧାୟକଙ୍କୁ ଅବଗତ କରି କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ଏ ସମ୍ପର୍କରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପାଢ଼ୀ କହିଛନ୍ତି, ମୁଁ ନିଜେ ଯାଇ ପାଚେରି ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ନିମ୍ନମାନର ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।

### ଫନୀ ସହାୟତା ଦାବିରେ ବିକ୍ଷୋଭ

ଡେଲାଙ୍ଗ,୨୩।୧୨(ଡି.ଏନ୍.ଏ.): ଫନୀ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ସହାୟତା ଦାବି କରି ଭାଜପା ପକ୍ଷରୁ ଡେଲାଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ହିତାଧିକାରୀ ବିକ୍ଷୋଭରେ ସାମିଲ ଥିଲେ। ବାତ୍ୟାକୁ ୨ବର୍ଷ ପୂରିବାକୁ ବସିଲାଣି, ହେଲେ ଏପର୍ଯ୍ୟନ୍ତ ଅଧିକାଂଶ ହିତାଧିକାରୀ ସହାୟତା ପାଇନାହାନ୍ତି। ଜିଲା ଉପସଭାପତି ଜନ୍ମେଜୟ ଜେନା, ଜିଲା ସଂଯୋଜକ ଅଜୟ ରାଉତରାୟ, ବେରବୋଇ ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପରିଡା ପ୍ରମୁଖ ଧାରଣାରେ ସାମିଲ ଥିଲେ।



ବୁଧବାର ଶ୍ରୀମନ୍ଦିର ଖୋଲିବା ପରେ ସେବାୟତ ପରିବାରର ମହିଳାମାନେ ଅରୁଣସ୍ତମ୍ଭ ନିକଟରେ ପୁଷ୍ପ ଦେଉଛନ୍ତି।

## ‘ଦର୍ଶନ ଅନୁଭୂତି ଅବର୍ଣ୍ଣନୀୟ’

**କରୋନା ମହାମାରୀ ଯୋଗୁ ଦୀର୍ଘ ୯ ମାସ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିର ବୁଧବାର ଖୋଲିଛି। ପ୍ରଥମ ପର୍ଯ୍ୟାୟରେ ମହାପ୍ରଭୁଙ୍କୁ ସେବାୟତ ପରିବାରର ସଦସ୍ୟମାନେ ଦର୍ଶନ କରିଛନ୍ତି। ଏହି ଦର୍ଶନ ଥିଲା ସବୁଠୁ ନିଆରା ଏବଂ ଏହାର ଅନୁଭୂତି ଅବର୍ଣ୍ଣନୀୟ ବୋଲି କେତେଜଣ କହିଛନ୍ତି।**



“ଏଭଳି ନିଆରା ଦର୍ଶନ ଜୀବନରେ କେବେ ମିଳି ନ ଥିଲା। ୯ ମାସର ବ୍ୟବଧାନ ଛୋଟ କଥା ନୁହେଁ। ଆମେ ନିଇତି ଦେଖୁ, ଏତେ ଦିନ ପର୍ଯ୍ୟନ୍ତ ଅପେକ୍ଷାର ଅନ୍ତ ଏତେ ସୁନ୍ଦର ମନୋରମ ହେବ ବୋଲି ବିଶ୍ୱାସ ନ ଥିଲା। ମହାପ୍ରଭୁଙ୍କ ସାମ୍ନାରେ ଠିଆ ହେବା ମାତ୍ରେ ହିଁ ଆତ୍ମସମର୍ପିତ ହୋଇଯାଇଥିଲି। ସେବାୟତ ପରିବାରରେ ବିବାହ କରିଥିବାରୁ ମୋତେ ପ୍ରଥମେ ଏହି ସୁଯୋଗ ମିଳିଲା। ମହାପ୍ରଭୁଙ୍କ ସେବିକା ଭାବେ ମୁଁ ନିଜକୁ ଭାଗ୍ୟବତୀ ମନେ କରୁଛି।

– ସ୍ୱର୍ଣ୍ଣପ୍ରଭା ନାୟକ



“ମହାଭାଗ୍ୟ ହେଲା, ମହାପ୍ରଭୁଙ୍କ ଦର୍ଶନ ମିଳିଲା। ସେ ନିଜେ ଆଜ୍ଞା ଦେଲେ ଆମେ ଦର୍ଶନ କଲୁ। ସେ ମୁହୂର୍ତ୍ତ ଅବର୍ଣ୍ଣନୀୟ। ଘୋଡ଼ଲାଗି ବେଶରେ ମହାପ୍ରଭୁଙ୍କୁ ଦର୍ଶନ କରି ଯେଉଁ ଆତ୍ମତୃପ୍ତି ମିଳିଲା ତାହା ଚିରସ୍ମରଣୀୟ ହୋଇ ରହିଲା। ଦର୍ଶନ ବେଳେ କିଛି ବାଧକ ନ ଥିଲା। ସବୁ ସେଇ ମହାପ୍ରଭୁଙ୍କ ଲୀଳା। ଏତେ ଦିନର ତୋଷ ଭାଙ୍ଗି ଆମକୁ ଦର୍ଶନରେ ସୁଯୋଗ ଦେଲେ। କେବଳ ସେବାୟତ ପରିବାର ନୁହେଁ, ସାରା ବିଶ୍ୱ ମହାପ୍ରଭୁଙ୍କ ଦର୍ଶନ କରି ସାନିଧ୍ୟ ଲାଭ କରୁ, ଏତକି ପ୍ରାର୍ଥନା କରୁଛି।

– ସ୍ନେହାଙ୍ଗିନୀ ବରାଳ



“ସବୁବେଳେ ଜଗା ଦର୍ଶନ କରିଛୁ। ମାତ୍ର ଏଥର ମହାପ୍ରଭୁ ଓ ମୋ’ ଭିତରେ କେହି ନ ଥିବା ଭଳି ମନେ ହେଲା। ଏତେ ସୁନ୍ଦର ଓ ସ୍ୱଷ୍ଟ ଦର୍ଶନ କେବେ ଦେଖି ନ ଥିଲି। ମହାପ୍ରଭୁ ୯ ମାସ ପରେ ଦର୍ଶନ ଦେଲେ। ଆମ ଧୈର୍ଯ୍ୟର ଅନ୍ତ ସୁଖମୟ ଥିଲା। ମନ୍ଦିର ଗହଳି ଭିତରେ ଶାନ୍ତି ଭାଙ୍ଗିଯାଏ। ହେଲେ ଏଥର ସବୁଠି ଶାନ୍ତି ଓ ଭବ୍ୟ ଅନୁଭୂତି। ସେ ଅନୁଭୂତିକୁ ଭାଷାରେ ବର୍ଣ୍ଣନା କରିବା ସହଜ ନୁହେଁ। ମହାପ୍ରଭୁଙ୍କୁ ଦେଖିବା ପରେ ସବୁ କଷ୍ଟ ଲାଘବ ହୋଇଛି। କର୍ମ ପାଇଁ ପ୍ରେରଣା ମିଳିଛି। – ଗିରୀଶ ନାୟକ



“ଦୀର୍ଘ ୯ମାସ ପରେ ଜଗନ୍ନାଥ ଦର୍ଶନ କଲୁ। ମହାପ୍ରଭୁଙ୍କ ପାଇଁ ଆମେ ବଞ୍ଚିଛୁ। ଆମ ପରିଚୟ, ସ୍ୱାଭିମାନ ସବୁକିଛି କେବଳ ସେ। ଅବଢା ଖାଇଲା ବେଳେ ମୋ ପରିବାର ମହାପ୍ରଭୁଙ୍କୁ ଝୁରେ। ଆଜି ସେ ଅସନ୍ତୋଷ ହଟିଲା। ଆମେ ମହା ଆନନ୍ଦରେ ମହାପ୍ରଭୁଙ୍କ ଦର୍ଶନ କଲୁ। ପୁରା ପରିବାର ଏକାଠି କିଛି ସମୟ ଶ୍ରୀମନ୍ଦିର ଭିତରେ ବସିଲୁ। ଆଉ କ’ଣ ଦରକାର, କର୍ମମୟ ଜୀବନ ଭିତରେ ଏହାଠୁ ବଡ଼ ଶାନ୍ତି କ’ଣ ହୋଇପାରେ।

–ରାଜକିଶୋର ପତି

### ମହିଳାଙ୍କଠାରୁ ସୁନାଚେନ ଲୁଟ୍

ଝାଁଳା,(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଜଟଣୀ ଥାନା ଅଧୀନ ପିତାପଲ୍ଲିଠାରେ ମଙ୍ଗଳବାର ଜଣେ ମହିଳାଙ୍କଠାରୁ ସୁନାଚେନ୍ ଓ ମଙ୍ଗଳସୂତ୍ର ଲୁଟ୍ ହୋଇଛି। ସୂଚନା ମୁତାବକ, ଝାଁଳା ବଜାରରେ ପ୍ରକାଶ ସାହୁଙ୍କ ପରିବା ଦୋକାନ ରହିଛି। ମଙ୍ଗଳବାର ଅପରାହ୍ନରେ ସେ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ବାଇକ୍‌ରେ ଓଲସିଙ୍ଗ ଗ୍ରାମକୁ ଯାଉଥିଲେ। ଦୁଇଜଣ ଲୁଟେରା ବାଇକ୍‌ରେ ଆସି ପିତାପଲ୍ଲି ନିକଟରେ ଜୟନ୍ତୀଙ୍କ ବେକରୁ ସୁନାଚେନ ଓ ମଙ୍ଗଳସୂତ୍ର ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏହାର ଆନୁମାନିକ ମୂଲ୍ୟ ୭୫ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ ।

### ଜଗା ଦର୍ଶନ କରି ଉପବାସ ଭାଙ୍ଗିଲେ ମହିଳା



ପୁରୀ ଅଫିସ,୨୩।୧୨

ଶ୍ରୀମନ୍ଦିରରେ ଦର୍ଶନ ଚାଲିଥିବାବେଳେ ବୁଧବାର ମହାପ୍ରଭୁଙ୍କ ନାଗାର୍ଜୁନ ବେଶର ଆଭୂଷଣ ଦେଇଥିବା ସେବକ ବଳରାମ ଖୁଣ୍ଟିଆ ସପରିବାର ଜଗନ୍ନାଥ ଦର୍ଶନ କରିଛନ୍ତି। ଚକ୍ରକୋଟ ସେବାରେ ନିୟୋଜିତ ବଳରାମଙ୍କ ସହଧର୍ମିଣୀ ନାଗାର୍ଜୁନ ବେଶ ପରଠାରୁ ଉପବାସରେ ଥିଲେ। ଏହି ସମୟରେ ସେ କେବଳ ଅବଢ଼ା କିମ୍ବା ହବିଷାନ୍ନ ଗ୍ରହଣ କରୁଥିଲେ। ବୁଧବାର ମହାପ୍ରଭୁଙ୍କ ଦର୍ଶନ ପରେ ସେ ଅନ୍ନ ଗ୍ରହଣ କରିଥିଲେ।

### ଭିଜିଲାନ୍ସ ଜାଲରେ କୋଟିପତି ଅଙ୍ଗନଓ୍ୱାଡ଼ି କର୍ମୀ

ପୁରୀ ଅଫିସ,୨୩।୧୨



- ୭ ସ୍ଥାନରେ ଏକକାଳୀନ ଚଢ଼ାଉ
- ୧ କୋଟିରୁ ଅଧିକ ସମ୍ପତ୍ତି ଠାବ
- ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ

ପୁରୀ ବାସେଳି ସାହି ଅକ୍ଷୟଧାମ ଅଙ୍ଗନଓ୍ୱାଡ଼ି କେନ୍ଦ୍ରର ଅଙ୍ଗନଓ୍ୱାଡ଼ି କର୍ମୀ ସନ୍ଧ୍ୟାରାଣୀ ଭଟ୍ଟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ତାଙ୍କ ବାସଭବନ ସମେତ ,ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଏକ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଠାବ ହୋଇଛି। ବ୍ୟାଙ୍କ ବାଲାନ୍ସ, ସ୍ଥାବର ସମ୍ପତ୍ତି ଓ ଆୟର ସବୁ ସ୍ରୋତରୁ ଆସୁଥିବା ସମ୍ପତ୍ତିକୁ ମିଶାଇ ଭିଜିଲାନ୍ସ ହିସାବ ଜାରି ରଖିଛି। ଗୁରୁବାର ଅନ୍ୟ କେତେକ ସମ୍ପତ୍ତିର ହିସାବ କିତାବ କରାଯିବ।

ସୂଚନା ଅନୁଯାୟୀ, ପୁରୀ ହାଟସାହିସ୍ଥିତ ବାସଭବନ ଓ ସମ୍ପର୍କୀୟଙ୍କ ଘର, ମାଛ ମାର୍କେଟସ୍ଥିତ ଅକ୍ଷୟଧାମ ଗୃହ, ହାତୀଶାଳସ୍ଥିତ ତିନିମହଲା କୋଠା, ଆସିଷ୍ଟାଣ୍ଟ ଫିସେରି ଅଫିସରଙ୍କ କାର୍ଯ୍ୟାଳୟ ଓ ବାସେଳିସାହିସ୍ଥିତ ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ଚଢ଼ାଉ ହୋଇଛି। ତାଙ୍କ ସ୍ୱାମୀ ଆସିଷ୍ଟାଣ୍ଟ ଫିସେରି ଅଫିସର ଭାବେ ପୁରୀରେ କାର୍ଯ୍ୟରତ ଅଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏକ ସାଙ୍ଗରେ ୭ଟି ସ୍ଥାନରେ ଏହି ଚଢ଼ାଉ ହୋଇଛି। ଏହି ସମୟରେ ବ୍ୟାଙ୍କରାଶି ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ସନ୍ଧ୍ୟାରାଣୀ ପୁରୀ ସହରର ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ସମ୍ପୃକ୍ତ ଥିଲେ। ପିଲାଙ୍କୁ ମିଳୁଥିବା ଛତୁଆ ବଣ୍ଟନରେ ସେ ବଡ଼ ଧରଣର ଦୁର୍ନୀତି କରିଥିବା ଆଶଙ୍କା କରାଯାଉଛି। ସବୁଠାରୁ ବଡ଼ କଥା ଯେ, ଅଙ୍ଗନଓ୍ୱାଡ଼ି କର୍ମୀ ଭାବେ ଚାକିରି କରି ସେ ଏତେ ମାତ୍ରାରେ ସମ୍ପତ୍ତି ଠୁଳ କରିବାରେ କିଭଳି ସମର୍ଥ ହେଲେ ସେ ନେଇ ଭିଜିଲାନ୍ସ ଖୋଳତାଡ଼ କରୁଛି। ସମ୍ପୂର୍ଣ୍ଣ ଚଢ଼ାଉ ସରିବା ପରେ ଏନେଇ ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

### ବିବାଦରେ ଓଡ଼ିଆ ଅଭଡ଼ା ରେସ୍ତୋରାଁ

ପୁରୀ ଅଫିସ,୨୩।୧୨

ମହାପ୍ରଭୁଙ୍କ ମହାପ୍ରସାଦର ନାମକୁ ବିକୃତ ଭାବେ ବ୍ୟବହାର କରି ସମ୍ବଲପୁରର ଏକ ରେସ୍ତୋରାଁ ବେପାର କରୁଥିବା ନେଇ ପୁରୀ ଜିଲା ଯୁବ ଅଭିବ୍ୟକ୍ତା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସଂଘ ଖବରଦା ସମ୍ମିଳନୀ କରି ଅଭିଯୋଗ କରିଛନ୍ତି, ଯଦିଓ ତାହା ଅବଢା ନୁହେଁ, ମାତ୍ର ଏହାକୁ ଅଭଡ଼ା ନାମକରଣ କରି ବ୍ୟବସାୟ କରାଯାଉଛି। ଯାହା ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରତି ଅପମାନ ଅଟେ। ହୋଟେଲରେ ପରଷୁଥିବା ଲୋକେ ଜୋତା ପିନ୍ଧି ଖାଦ୍ୟ ଦେବା, ଚେୟାରରେ ବସି ଉକ୍ତ ଖାଦ୍ୟକୁ ଖାଇବା ଓ ରେସ୍ତୋରାଁ ମାଲିକ ହୋଟେଲ ନାମକୁ ଓଡ଼ିଆ ଅଭଡ଼ା ବୋଲି ଲେଖିଛନ୍ତି । ତେଣୁ ଏଭଳି କାର୍ଯ୍ୟକଳାପ ପୁରୀ ତଥା ଓଡ଼ିଶାବାସୀ ସହଜରେ ଗ୍ରହଣ କରିବେ ନାହିଁ। ସମ୍ବଲପୁରର ଏହି ରେସ୍ତୋରାଁକୁ ମହାପ୍ରଭୁଙ୍କ ମହାପ୍ରସାଦ ନାମରେ ଖୋଲିବା ପାଇଁ ସରକାର ଓ ପୌରସଂସ୍ଥା କିଭଳି ଅନୁମତି ଦେଲେ ବୋଲି ସଂଘ ପ୍ରଶ୍ନ କରିଛି। ଅନ୍ୟପକ୍ଷେ ଏ ସମ୍ପର୍କରେ ହୋଟେଲ ମାଲିକ ଅବଢ଼ା ଓ ଅଭଡ଼ା ମଧ୍ୟରେ ଥିବା ବନାନ ଓ ଉଚ୍ଚାରଣର ପାର୍ଥକ୍ୟକୁ ବୁଝାଇଛନ୍ତି। ଏପରିକି ଆମେ ଅବଢ଼ା ନୁହେଁ ବରଂ ଅଭଡ଼ା ନାମରେ ରେସ୍ତୋରାଁ ଚଳାଉଛୁ ବୋଲି କହିଛନ୍ତି। ଏ ନେଇ ପୌରସଂସ୍ଥା ଓ କେନ୍ଦ୍ର ସରକାରଙ୍କର ସ୍ୱୀକୃତି ମଧ୍ୟ ନେଇଛୁ।

## ନବନିଯୁକ୍ତ ୮୦ ଅଧ୍ୟାପକଙ୍କୁ ମିଳିଲା ନିଯୁକ୍ତିପତ୍ର

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ୮୦ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବୁଧବାର କୃଷି ଭବନରେ ଅନୁଷ୍ଠିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଇତିହାସ ବିଭାଗର ୭୪ଜଣ, ଓଡ଼ିଆ ବିଭାଗର ୫ ଓ ରାଜନୀତି ବିଜ୍ଞାନର ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ବିଦ୍ୟାର୍ଥୀଙ୍କୁ ଗଢ଼ିବା ଦିଗରେ ଅଧ୍ୟାପକମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ। ଶିକ୍ଷକମାନେ ଛାତ୍ର ଗଢ଼ିବା ସହିତ ଦେଶ ଗଢ଼ିଥାଆନ୍ତି। ସେମାନେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହିତ ନିରନ୍ତର ସମ୍ପର୍କ ରକ୍ଷା କରି ଭଲ ବିଦ୍ୟାର୍ଥୀ ତିଆରି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ପାଠ ପଢ଼ାକୁ ଆକର୍ଷଣୀୟ କରିପାରିଲେ ବିଦ୍ୟାର୍ଥୀମାନେ ଅଧିକ ମାତ୍ରାରେ ଉତ୍ସାହିତ ହେବେ। ଉଚ୍ଚଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିଭାଗ ବହୁ ସଂସ୍କାରମୂଳକ ପଦକ୍ଷେପ ନେଇଥିବାବେଳେ ଏହାର ଠିକ୍ ରୂପାୟନ କରି ଛାତ୍ରୀଛାତ୍ରଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବା ଦିଗରେ ଅଧ୍ୟାପିକାଅଧ୍ୟାପକମାନେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। କାର୍ଯ୍ୟକ୍ରମକୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ।



ନବନିଯୁକ୍ତ ଅଧ୍ୟାପକଙ୍କୁ ମନ୍ତ୍ରୀ ଅରୁଣ କୁମାର ସାହୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

## ଶ୍ରୀମନ୍ଦିରରେ ପଶିଲେ ନାଗାସାଧୁ, ଅଣସେବାୟତ

ପୁରୀ ଅଫିସ,୨୩।୧୨

ଶ୍ରୀମନ୍ଦିର ବୁଧବାର ଖୋଲିଛି। ପ୍ରଥମ ପର୍ଯ୍ୟାୟରେ କେବଳ ସେବାୟତ ପରିବାରର ସଦସ୍ୟମାନଙ୍କୁ ଦର୍ଶନ ଲାଗି ଅନୁମତି ମିଳିଥିଲା। ତେବେ ପ୍ରଶାସନର କଡ଼ା କଟକଣା ସତ୍ତ୍ୱେ ପୋଲିସକୁ ଚକ୍‌ମା ଦେଇ ଜଣେ ନାଗାସାଧୁ ଏବଂ ୩ଜଣ ଅଣସେବାୟତ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ।

ସୂଚନା ଅନୁଯାୟୀ, ମନ୍ଦିର ଖୋଲିବା ପରେ ଜଗା ଦର୍ଶନ ପାଇଁ ହଠାତ୍ ଜଣେ ନାଗାସାଧୁ ବାଇଶି ପାହାଚରେ ଦୌଡ଼ିଥିଲେ। ସେ ରତ୍ନସିଂହାସନ ଆଡ଼କୁ ଦୌଡୁଥିବା ବେଳେ ତାଙ୍କୁ କେତେଜଣ ପୋଲିସ କର୍ମଚାରୀ ରୋକିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ସେ ରତ୍ନବେଦିରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ନାଗାସାଧୁଙ୍କୁ ଶ୍ରୀମନ୍ଦିର ପୋଲିସ ଧରି ଦକ୍ଷିଣ ଦ୍ୱାର ପଟେ ବାହାରକୁ ନେଇଆସିଥିଲେ। ଏ ନେଇ ସମ୍ପୃକ୍ତ ନାଗାସାଧୁ ବୈଷ୍ଣବ ପୁରୀ କହିଛନ୍ତି, ମହାପ୍ରଭୁ ହେଉଛନ୍ତି ପରମ୍ ବ୍ରହ୍ମ। ତାଙ୍କ ଦର୍ଶନ ପାଇଁ ୯ ମାସ କାଳ ଅପେକ୍ଷା କରିଥିଲି। ମୋତେ ପ୍ରଭୁଙ୍କ ଆକର୍ଷଣ ରୋକିପାରି ନ ଥିଲା। ପ୍ରଶାସନ କେବଳ ସେବାୟତଙ୍କୁ ଅନୁମତି ଦେଇଥିଲେ ମଧ୍ୟ ଆମମାନଙ୍କୁ ଅଣଦେଖା କରିଥିଲେ। ପ୍ରଶାସନ ଏକଥାକୁ ହୃଦୟଙ୍ଗମ କରି ନ ଥିଲେ ମଧ୍ୟ ମୁଁ ଜାଣେ ମୋର ପିତୃପୁରୁଷ ମହାପ୍ରଭୁଙ୍କ ସେବାରେ ସମର୍ପିତ ଥିଲେ। ମହାପ୍ରଭୁଙ୍କୁ ମୋର ଆରାଧ୍ୟ ବୋଲି ମୁଁ ମନେକରେ। ତେଣୁ ମହାପ୍ରଭୁଙ୍କୁ ଦର୍ଶନ କରିବା ମୋର ନ୍ୟାଯ୍ୟ ହକ୍। ପ୍ରତିଦିନ ପତିତପାବନ ଦର୍ଶନ କରେ, ହେଲେ ରତ୍ନବେଦିରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆଖି ଓ ମନ ବ୍ୟାକୁଳ ହୋଇ ଉଠିଥିଲା। ସେହିପରି ଅନ୍ୟ ଏକ ଘଟଣା କ୍ରମରେ ଦୁଇଜଣ ଅଣସେବାୟତ ମହିଳା ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିବା ଅଭିଯୋଗ ହୋଇଛି। ସେମାନେ ନିଜକୁ ସେବାୟତ ପରିବାରର ସଦସ୍ୟ ବୋଲି କହୁଥିଲେ ମଧ୍ୟ ନିଜ ପରିଚୟପତ୍ର ଦେଖାଇ ପାରି ନ ଥିଲେ। ସମ୍ପୃକ୍ତ ମହିଳା କହିଥିଲେ ସେ ପୁରୀ ବାସିନ୍ଦା, ମାତ୍ର ପରିଚୟପତ୍ର ଆଣିନାହାନ୍ତି। ତାଙ୍କ ଘର କେଉଁଠାରେ ସେ ନେଇ ଜଣାଇବାକୁ ଉଚିତ୍ ମନେ କରୁ ନ ଥିବା ସେ ରୋକଠୋକ ଢଙ୍ଗରେ ଉତ୍ତର ଦେଇଥିଲେ। ଅନ୍ୟପକ୍ଷରେ ମହିଳାଙ୍କ ସଙ୍ଗରେ ଥିବା ଜଣେ ଯୁବକଙ୍କୁ ଏ ନେଇ ପଚାରିବାରେ କହିଛନ୍ତି, ମହିଳା ଜଣକ ପୁରୀର ନୁହନ୍ତି। ସେ ଭୁଲବଶତଃ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ତେବେ ପୋଲିସ ଓ ପ୍ରଶାସନ ଏକଥା କିଭଳି ଜାଣିପାରିଲା ନାହିଁ ସେ ନେଇ ପ୍ରଶ୍ନ ଉଠୁଛି। କଟକଣା ଫିକା ପଡ଼ିଥିବା ସାଧାରଣରେ ଚର୍ଚ୍ଚା ହେଉଛି।



### ପୋଲିସକୁ ଚକ୍‌ମା, କଟକଣା ଫିକା